ବର୍ଷ-୨୫, ସଂଖ୍ୟା-୧୪୩
ଭୁବନେଶ୍ୱର
୨୬, ମଇ, ୨୦୨୫ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 143
Bhubaneswar
26,May, 2025, Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

କ୍ଲାସେନଙ୍କ ବିସ୍ଫୋରକ ଶତକ



# ବିଶ୍ୱ ଅର୍ଥନୀତିରେ ଇତିହାସ ରଚିଲା ଭାରତ

ନୂଆଦିଲ୍ଲୀ, ୨୫।୫(ମହାଭାରତ): ଆର୍ଥିକ ମୋର୍ଚ୍ଚାରେ ଇତିହାସ ରଚିଛି ଭାରତ। ନୀତି ଆୟୋଗ ସିଇଓ ବିଭିଆର ସୁବ୍ରମଣ୍ୟମ ଦେଶର ଅର୍ଥନୀତିକୁ ନେଇ ବଡ଼ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଭାରତ ଏବେ ଦୁନିଆର ଚତୁର୍ଥ ସର୍ବବୃହତ ଅର୍ଥବ୍ୟବସ୍ଥା ହୋଇଛି। ଏହି ମାମଲାରେ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହୋଇପାରେ।

ଭାରତର ଏଭଳି ଉପଲବ୍ଧିକୁ ନେଇ ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ବି ଭି ଆର୍ ସୁବ୍ରମଣ୍ୟମ କହିଛନ୍ତି ଯେ ଭାରତ ଜାପାନକୁ ପଛରେ ପକାଇ ବିଶ୍ୱର ଚତୁର୍ଥ ବୃହତ ଅର୍ଥନୀତି ହୋଇପାରିଛି। ନୀତି ଆୟୋଗ

## ଭାରତ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି

ଭାରତ ଏବେ ଜାପାନକୁ ପଛରେ ପକାଇଛି। ଏବେ ଆକଳନ କରାଯାଉଛି ଯେ ଆଗାମୀ ୩୦ ରୁ ୩୬ ମାସ ମଧ୍ୟରେ ଭାରତ ଜର୍ମାନୀକୁ ପଛରେ ପକାଇ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ପାଲଟିବ। ବର୍ତ୍ତମାନ ସମୟରେ ଆଇଏମଏଫ ଠାରୁ ବିଶ୍ୱ ବ୍ୟାଙ୍କ ପର୍ଯ୍ୟନ୍ତ ଲାଗି ରହିଥିବା ଅନିଶ୍ଚିତତାକୁ ବିଚାରକୁ ନେଇ ସମସ୍ତେ ଭାରତର ଅଭିବୃଦ୍ଧି ୬ ପ୍ରତିଶତରୁ ଅଧିକ ହେବ ବୋଲି ଧରି ନେଉଛନ୍ତି। ଯାହା ବିଶ୍ୱର ସମସ୍ତ ପ୍ରମୁଖ ଅର୍ଥନୀତି ମଧ୍ୟରେ ସବୁଠାରୁ ଦ୍ରୁତ। ଏହି କାରଣରୁ ଭାରତ ଆଗାମୀ ୩୦ ରୁ ୩୬ ମାସ ମଧ୍ୟରେ ଗଭର୍ଣ୍ଣିଂ କାଉନସିଲର ଦଶମ ବୈଠକ ପରେ ସୁବ୍ରହ୍ମଣ୍ୟମ କହିଛନ୍ତି ଯେ ସାମଗ୍ରିକ ଭାବରେ ବିଶ୍ୱ ଏବଂ ଅର୍ଥନୈତିକ ପରିବେଶ ଭାରତ ପାଇଁ ଅନୁକୂଳ। ଏବେ ଆମେ ଚତୁର୍ଥ ବୃହତ୍ତମ ଅର୍ଥନୀତି। ଆମେ ୪୦୦୦ ବିଲିୟନ ଡଲାରର ଅର୍ଥନୀତି। ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ)ର ତଥ୍ୟକୁ ଉଦ୍ଧୃତ କରି ସୁବ୍ରମଣ୍ୟମ କହିଛନ୍ତି ଯେ ଆଜି ଭାରତର ଅର୍ଥନୀତି ଜାପାନ ଅପେକ୍ଷା ବଡ଼। ଆହୁରି ମଧ୍ୟ ସେ କହିଛନ୍ତି, କେବଳ ଆମେରିକା, ଚାଇନା ଏବଂ ଜର୍ମାନୀ ଭାରତଠାରୁ ବଡ଼ ଏବଂ ଯଦି



ଆମେ ଆମର ଯୋଜନା ଏବଂ ଚିନ୍ତାଧାରାରେ ଅଟଳ ରହିବା, ତେବେ ଅଢ଼େଇରୁ ତିନି ବର୍ଷ ଅର୍ଥାତ ୩୦ରୁ ୩୬ ମାସ ମଧ୍ୟରେ ଆମେ ତୃତୀୟ ବୃହତ୍ତମ ଅର୍ଥନୀତି ହେବ। ଏହାର ଅର୍ଥ ହେଉଛି ୨୦୨୭-୨୦୨୮ ବର୍ଷରେ, ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବାକୁ ଯାଉଛି କିମ୍ବା ହେବ। ପରେ ଭାରତର ଅର୍ଥନୀତି ୫ ଟ୍ରିଲିୟନ ଡଲାରରୁ ଅଧିକ ହେବ ବୋଲି ଆଶା କରାଯାଉଛି।

ଉଲ୍ଲେଖଯୋଗ୍ୟ ଯେ ଦିନ ପୂର୍ବରୁ ଫିଚ୍ ରେଟିଂ ଏଜେନ୍ସି ଭାରତର ୨୦୨୮ ଯାଏ ହାରାହାରି ବାର୍ଷିକ ବୃଦ୍ଧି କ୍ଷମତା ଅନୁମାନକୁ ୬.୪ ପ୍ରତିଶତ କରିଥିଲା ରେଟିଂ ଏଜେନ୍ସି ୨୦୨୩ ନଭେମ୍ବରର ୬.୨ ପ୍ରତିଶତ ନେଇ ନିଜ ଅନୁମାନକୁ ସଂଶୋଧିତ କରି ବଢାଇଛି।

ଏହା ପୂର୍ବରୁ ଆଇଏମଏଫର ୱାର୍ଲ୍ଡ ଇକୋନୋମିକ୍ ଆଉଟ୍‌ଲୁକ୍ ଏପ୍ରିଲ୍ ୨୦୨୫ ସଂସ୍କରଣରେ କୁହାଯାଇଥିଲା ଯେ ୨୦୨୫ ଶେଷ ସୁଦ୍ଧା ଭାରତ ବିଶ୍ୱର ଚତୁର୍ଥ ବୃହତ ଅର୍ଥନୀତି ହେବ । ଜାପାନକୁ ଅତିକ୍ରମ କରି ଭାରତ ଏହି ଉପଲବ୍ଧି ହାସଲ କରିବ। ୨୦୨୫ (ଏଫ୍‌ୱାଇ୨୬) ପାଇଁ ଭାରତର ନୋମିନାଲ୍ ଜିଡିପି ୪,୧୮୭.୦୧୭ ବିଲିୟନ ଡଲାର ହେବ ବୋଲି ଅନୁମାନ କରିଥିଲା। ଯାହା ଜାପାନର ସମ୍ଭାବ୍ୟ ଜିଡିପି ୪,୧୮୬.୪୩୧ ବିଲିୟନ ଡଲାରଠାରୁ ସାମାନ୍ୟ ଅଧିକ ହେବ ବୋଲି କୁହାଯାଇଥିଲା

ଆଇଏମଏଫ ପୂର୍ବାନୁମାନ ନିଜ ରିପୋର୍ଟରେ ଅନୁମାନ କରିଥିଲା ଯେ ଜର୍ମାନୀକୁ ପଛରେ ପକାଇ ଭାରତ ତୃତୀୟ ବୃହତ ଅର୍ଥନୀତି ହେବାର ସମ୍ଭାବନା ମଧ୍ୟ ରହିଛି। ୨୦୨୮ ସୁଦ୍ଧା ଭାରତର ଜିଡିପି ୫,୫୮୪.୪୭୬ ବିଲିୟନ ଡଲାର ହେବ। ଯାହା ଜର୍ମାନୀର ୫,୨୫୧.୯୨୮ ବିଲିୟନ ଡଲାରକୁ ଟପିବ। ୨୦୨୭ ମସିହାରେ ଭାରତ ୫,୦୬୯.୪୭ ବିଲିୟନ ଡଲାର ଜିଡିପ ସହିତ ୫ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ ହେବ। ରିପୋର୍ଟ ଅନୁସାରେ ଆମେରିକା ଓ ଚାଇନା ବିଶ୍ୱର ପ୍ରଥମ ଦୁଇ ଅର୍ଥବ୍ୟବସ୍ଥା ହୋଇ ରହିବେ। କେବଳ ଚଳିତ ବର୍ଷ ନୁହେଁ, ବରଂ ଦଶନ୍ଧି ଶେଷ ଯାଏ ସେମାନେ ନିଜ ସ୍ଥାନ ବଜାୟ ରଖିବେ।

## କେରଳ ଛୁଁଇଲା ମୌସୁମୀ

ନୂଆଦିଲ୍ଲୀ, ୨୫।୫(ମହାଭାରତ): ସମୟ ପୂର୍ବରୁ କେରଳ ଛୁଇଁଥିବା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଏବେ ଧୀରେ ଧୀରେ ଆଗକୁ ବଢ଼ି ଚାଲିଛି। ସ୍ୱାଭାବିକ ସମୟଠାରୁ ୮ ଦିନ ଆଗୁଆ। କେରଳ ଛୁଇଁଛି ମୌସୁମୀ। ଏବେ ଓଡ଼ିଶାରେ ମଧ୍ୟ ସମୟ ପୂର୍ବରୁ ପହଞ୍ଚିବ ବୋଲି ଆକଳନ କରାଯାଉଛି। ଏପଟେ ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ଲଘୁଚାପ ମୌସୁମୀ ବାୟୁକୁ ଟାଣି ଆଣିବ ବୋଲି ଆକଳନ କରାଯାଉଛି। ଏବେଠୁ ଓଡ଼ିଶାରେ ପ୍ରାକ ମୌସୁମୀ ବର୍ଷା ଆରମ୍ଭ ହୋଇଯାଇଛି। ଚାରିଆଡ଼େ ମେଘୁଆ ପାଗ ରହିଛି। ଅନେକ ସ୍ଥାନରେ ବର୍ଷା ମଧ୍ୟ ହେଉଛି। ପାଣିପାଗ ବିଭାଗର ତଥ୍ୟ ଅନୁସାରେ, ମୌସୁମୀ ବାୟୁ ଅଗ୍ରସର ହେବାକୁ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଛି। ବର୍ତ୍ତମାନ ସୁଦ୍ଧା କର୍ଣ୍ଣାଟକର କିଛି ଅଞ୍ଚଳ, ସମ୍ପୂର୍ଣ୍ଣ ଗୋଆ, ମହାରାଷ୍ଟ୍ରର କିଛି ଅଞ୍ଚଳ, ମିଜୋରାମ, ମଣିପୁର ଏବଂ ନାଗାଲାଣ୍ଡର କିଛି ଅଞ୍ଚଳକୁ ଛୁଇଁଛି। ମୌସୁମୀ ଆଗାମୀ ୩ଦିନରେ ମହାରାଷ୍ଟ୍ରର ମୁମ୍ବାଇ, କର୍ଣ୍ଣାଟକର ବେଙ୍ଗାଲୁରୁ ବାକିଥିବା ଅଞ୍ଚଳରେ ମୌସୁମୀ ବର୍ଷା ହେବ ବୋଲି ଆକଳନ କରାଯାଇଛି।

## ଏନ୍‌ଡିଏ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ବୈଠକରେ ୩ ପ୍ରସ୍ତାବ ପାରିତ

ନୂଆଦିଲ୍ଲୀ, ୨୫।୫(ମହାଭାରତ): ୨୦୨୪ରେ ଏନଡିଏ ସରକାର ତୃତୀୟ ଥର କ୍ଷମତାକୁ ଆସିବା ପରେ ଦିଲ୍ଲୀରେ ପ୍ରଥମ ବଡ଼ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ତିନିଟି ବଡ଼ ପ୍ରସ୍ତାବ ପାରିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କନକ୍ଲେଭରେ ୨୦ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ୧୮ ଉପ-ମୁଖ୍ୟମନ୍ତ୍ରୀ ସାମିଲ ହୋଇଥିଲେ। ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ମଧ୍ୟ ଏହି ବୈଠକରେ ସାମିଲ ହୋଇଛନ୍ତି। ଏହି ବୈଠକରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ସହ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ଏନଡିଏ ମୁଖ୍ୟମନ୍ତ୍ରୀଙ୍କ କନକ୍ଲେଭରେ, 'ଅପରେସନ ସିନ୍ଦୂର'ର ସଫଳତା ପାଇଁ ସେନା ଓ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଶୁଭେଚ୍ଛା ଜଣାଇ ପ୍ରସ୍ତାବ ପାରିତ ହୋଇଛି। ଏହାସହ ଆଗାମୀ ଜନଗଣନାରେ ଜାତିଭିତ୍ତିକ ଗଣନା ପାଇଁ ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ କରି ପ୍ରସ୍ତାବ ପାରିତ ହୋଇଛି। ସେହିପରି ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ନେଇ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦେଇଛନ୍ତି ଏନଡିଏ ସହଯୋଗୀ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ଅପରେଶନ ସିନ୍ଦୂର' ଉପରେ ଅନାବଶ୍ୟକ ବୟାନ ଦେଇ ଭାଜପାର ଭାବମୂର୍ତ୍ତି ନଷ୍ଟ କରୁଥିବା ନେତାମାନଙ୍କୁ ଏକ ବିଶେଷ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ, ନେତାମାନେ ସେମାନଙ୍କର ଭାଷଣକୁ ନିୟନ୍ତ୍ରଣ କରିବା ଉଚିତ ଏବଂ ଅନାବଶ୍ୟକ ବୟାନଠାରୁ ଦୂରେଇ ରହିବା ଉଚିତ। କୌଣସି ସ୍ଥାନରେ କିଛି କହିବାରୁ ଦୂରେଇ ରୁହନ୍ତୁ ଏନଡିଏ ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀମାନଙ୍କ ବୈଠକ ସମୟରେ ଭାଜପା ନେତାମାନଙ୍କୁ ନିର୍ଦ୍ଦେଶ ଜାରି କରି ପ୍ରଧାନମନ୍ତ୍ରୀ ଏହା କହିଛନ୍ତି। 'ଅପରେସନ୍ ସିନ୍ଦୂର' ଜରିଆରେ ଏନଡିଏ ସରକାର ଏକ ସୁରକ୍ଷିତ, ସମୃଦ୍ଧ ଓ ଏକଜୁଟ ଭାରତର ଲକ୍ଷ୍ୟକୁ ହାସଲ କରିପାରିଛି । ନୂଆ ଭାରତରେ ଆତଙ୍କବାଦ ଓ ଏହାକୁ ପ୍ରୋତ୍ସାହନ ଦେଉଥିବା ଦେଶକୁ ବରଦାସ୍ତ କରାଯିବ ନାହିଁ। କେନ୍ଦ୍ର ସରକାରଙ୍କ ଉଦ୍ୟମରେ ଆଜି ଆତଙ୍କବାଦ ବିରୋଧରେ ସାରା ବିଶ୍ୱ ଭାରତ ସହ ଛିଡ଼ା ହୋଇଛି ବୋଲି ଏନଡିଏ ବୈଠକରୁ ବାର୍ତ୍ତା ଦିଆଯାଇଛି। ସେହିପରି ଆଗକୁ ବିହାର ବିଧାନସଭା ନିର୍ବାଚନଥିବାରୁ ଜାତିଭିତ୍ତିକ ଜନଗଣନା ଏନଡିଏ ସରକାରଙ୍କୁ ବଡ଼ ଫାଇଦା ଆଣିଦେବ ବୋଲି କୁହାଯାଉଛି। ବିହାର ଭୋଟରେ ଜାତି, ଏକ ପ୍ରମୁଖ ପ୍ରସଙ୍ଗ ହୋଇଥିବାରୁ ବିରୋଧୀଙ୍କୁ କାଉଣ୍ଟର କରିବାରେ ଏହା ଏନଡିଏ ମେଣ୍ଟର ବଡ଼ ରାଜନୈତିକ ଗୋଟିଚାଳନା। ସୂଚନାଯୋଗ୍ୟ ଯେ, ସୁଶାସନ ଓ ବିକାଶ ପ୍ରସଙ୍ଗକୁ ନେଇ କିଭଳି ଆଗକୁ ବଢ଼ିହେବ ସେନେଇ ମୁଖ୍ୟମନ୍ତ୍ରୀ କନକ୍ଲେଭରେ ବିଶେଷ ଚର୍ଚ୍ଚା ଆଲୋଚନା ପରେ ଆଗାମୀ ରଣନୀତି ପ୍ରସ୍ତୁତ କରିଛି ଏନଡିଏ।

# ଯୌନଶିକ୍ଷା ଉପରେ କେନ୍ଦ୍ର ନୀତି ପ୍ରସ୍ତୁତ କରିବା ଉଚିତ : ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୫।୫(ମହାଭାରତ): ସୁପ୍ରିମକୋର୍ଟ କେନ୍ଦ୍ରକୁ କହିଛନ୍ତି ଯେ, କିଶୋରମାନଙ୍କ ମଧ୍ୟରେ ସହମତି ଭିତ୍ତିକ ସମ୍ପର୍କକୁ ଅପରାଧ ମୁକ୍ତ କରିବା ପାଇଁ ବିଚାର କରନ୍ତୁ, ଯାହା ଦ୍ୱାରା ସେମାନଙ୍କୁ କଠୋର ଯୌନ ଅପରାଧ ସୁରକ୍ଷା ଆଇନ (ପୋକ୍ସୋ) ଅନୁଯାୟୀ ଜେଲ ଯିବାକୁ ପଡିବ ନାହିଁ। କୋର୍ଟ ଯୌନ ଏବଂ ପ୍ରଜନନ ସ୍ୱାସ୍ଥ୍ୟ ଶିକ୍ଷା ଉପରେ ଏକ ନୀତି ପ୍ରସ୍ତୁତ କରିବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି।

ବିଚାରପତି ଅଭୟ ଏସ୍ ଓକା ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ କେନ୍ଦ୍ରକୁ ନୋଟିସ୍ ଜାରି କରି ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟକୁ ଏହି ପ୍ରସଙ୍ଗର ଅଧ୍ୟୟନ କରିବା ପାଇଁ ଏକ ବିଶେଷଜ୍ଞ ପ୍ୟାନେଲ ଗଠନ କରିବାକୁ ଏବଂ ଜୁଲାଇ ୨୫ ସୁଦ୍ଧା ଏକ ରିପୋର୍ଟ ଦାଖଲ କରିବାକୁ କହିଛନ୍ତି। କୋର୍ଟ କହିଛନ୍ତି ଯେ, ରିପୋର୍ଟ ସମୀକ୍ଷା କରିବା ପରେ ହିଁ ପରବର୍ତ୍ତୀ ନିର୍ଦ୍ଦେଶ ଜାରି କରିବେ।

ପଶ୍ଚିମବଙ୍ଗର ଜଣେ ମହିଳାଙ୍କ ସ୍ୱାମୀଙ୍କୁ ସୁରକ୍ଷା ଦେବା ପାଇଁ ଆଇନଗତ ଲଢ଼େଇ ପରେ କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ଯିଏ ୧୪ ବର୍ଷ ବୟସରେ ତାଙ୍କ ସହ ସମ୍ପର୍କ ରଖିବା ପାଇଁ ପୋକ୍ସୋ ଆଇନ ଅନୁଯାୟୀ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ ପାଇଥିଲେ।

ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ସହାୟତା କରିବା ପାଇଁ କୋର୍ଟ ଦୁଇ ଜଣ ବରିଷ୍ଠ ମହିଳା ଓକିଲ, ମାଧବୀ ଦିୱାନ ଏବଂ ଲିଜ୍ ମାଥ୍ୟୁଙ୍କୁ ନିଯୁକ୍ତ କରିଥିଲେ ଏବଂ ସେମାନେ ପରାମର୍ଶ ଦେଇଥିଲେ ଯେ, ସହମତିରେ ଯୌନ ସମ୍ପର୍କ ରଖୁଥିବା କିଶୋରୀମାନଙ୍କୁ ମଧ୍ୟ ସୁରକ୍ଷା ଆବଶ୍ୟକ।

ସେ ପରାମର୍ଶ ଦେଇଥିଲେ ଯେ,



## ବିଶେଷଜ୍ଞ ପ୍ୟାନେଲ ଗଠନ କରିବାକୁ ପରାମର୍ଶ

ଯଦିଓ ପୋକ୍ସୋ ଆଇନ ନାବାଳକମାନଙ୍କୁ ଯୌନ ନିର୍ଯାତନାରୁ ସୁରକ୍ଷା ଦେବାରେ ଏକ ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ସାଧନ କରେ, ନାବାଳକ ସମ୍ପର୍କରେ ଏହାର କଠୋର ପ୍ରୟୋଗ ଏପରି ଫଳାଫଳ ଆଣିପାରେ ଯାହା ଅଭିଯୋଜକ ଏବଂ ତାଙ୍କ ନିର୍ଭରଶୀଳଙ୍କ ସ୍ୱାର୍ଥରେ ନ ହୋଇପାରେ।

ବରିଷ୍ଠ ଓକିଲଙ୍କ ପରାମର୍ଶ ଗ୍ରହଣ କରି, କୋର୍ଟ କେନ୍ଦ୍ରକୁ ମାମଲାରେ ଏକ ପକ୍ଷ କରିଥିଲେ ଏବଂ ନୋଟିସ୍ ଜାରି କରିଥିଲେ। ଓକିଲ ଏହା ମଧ୍ୟ ଦର୍ଶାଇଛନ୍ତି ଯେ ଦିଲ୍ଲୀ ଏବଂ ମାଡ୍ରାସ ସମେତ ଅନେକ ଉଚ୍ଚ ନ୍ୟାୟାଳୟ ଏକ ସୂକ୍ଷ୍ମ ପୋକ୍ସୋ ଆଇନର ଉଦ୍ଦେଶ୍ୟ ଏବଂ କାରଣଗୁଡ଼ିକର ବ୍ୟାଖ୍ୟା କରି ଏହା ସହମତି ଭିତ୍ତିକ ପ୍ରେମ ସମ୍ପର୍କକୁ ଅପରାଧୀକରଣ କରିବା ପାଇଁ ଉଦ୍ଦିଷ୍ଟ ନୁହେଁ। ଅନେକ ମାମଲାରେ, ମାଡ୍ରାସ ହାଇକୋର୍ଟ ଏକ ଆଇନଗତ ବ୍ୟାଖ୍ୟା ଗ୍ରହଣ କରିଥିଲେ ଯେ, ସହମତିପୂର୍ଣ୍ଣ କାର୍ଯ୍ୟ ଅନୁଭୂତିଶୀଳ ଯୌନ ଆକ୍ରମଣ ଅପରାଧ ପାଇଁ 'ଆକ୍ରମଣ'ର ଆବଶ୍ୟକତା ପୂରଣ କରେ ନାହିଁ।

କଲିକତା ହାଇକୋର୍ଟ କହିଛନ୍ତି ଯେ, ପୋକ୍ସୋ ଆଇନ 'ଅନୁବେଶ'କୁ ଅଭିଯୁକ୍ତଙ୍କ ଦ୍ୱାରା ଏକପାଖିଆ। କାର୍ଯ୍ୟ ଭାବରେ ପରିଭାଷିତ କରେ ଏବଂ ତେଣୁ, ସହମତିପୂର୍ଣ୍ଣ ଯୌନ ସମ୍ପର୍କ ମାମଲାରେ, କେବଳ ଅଭିଯୁକ୍ତକୁ 'ଅନୁବେଶ' ପାଇଁ ଦାୟୀ କରାଯାଇପାରିବ ନାହିଁ। ଅନ୍ୟ କେତେକ ହାଇକୋର୍ଟ ମଧ୍ୟ ପୀଡିତଙ୍କ ଉପରେ ଏପରି ମାମଲା ରୁଜୁର ପ୍ରଭାବକୁ ବିଚାର କରିଛନ୍ତି ଏବଂ ଯଦି ମାମଲା ଚଳାଇବା ଦ୍ୱାରା ପୀଡିତଙ୍କ କ୍ଷତି ହୁଏ, ତେବେ କାର୍ଯ୍ୟାନୁଷ୍ଠାନକୁ ରଦ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଦୁର୍ଗାପାଲି ରେଳବାଇ ଓଭରବ୍ରିଜ ଉଦ୍‌ଘାଟିତ

ସମ୍ବଲପୁର, ୨୫।୫(ମହାଭାରତ): ସମ୍ବଲପୁର ଗସ୍ତରେ ଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୬୦ କୋଟି ୪୩ ଲକ୍ଷ ୭୮ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ଦୁର୍ଗାପାଲି ରେଳବାଇ ଓଭରବ୍ରିଜର ଉଦଘାଟନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଏହି ଓଭରବ୍ରିଜ୍ ସମ୍ବଲପୁର ସହରକୁ ଅଧିକ ସୁନ୍ଦର ଓ ଆଧୁନିକ କରିବା ପାଇଁ ଏହା ଏକ ଭଲ ପଦକ୍ଷେପ । ଏହି ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଟ୍ରାଫିକ୍ ନିୟନ୍ତ୍ରଣ ହ୍ରାସ ହେବା ସହ ଜନସାଧାରଣଙ୍କ ଯାତାୟତ ସୁରକ୍ଷିତ ଓ ସୁଗମ ହେବ। ଆଗାମୀ ଦିନରେ ଡବଲ ଇଞ୍ଜିନ ସରକାରରେ ସମ୍ବଲପୁର ସହରକୁ ଏକ ଶ୍ରୀମନ୍ତ ସହରରେ ବିକଶିତ କରାଯିବ। ରାସ୍ତାଘାଟ, ପିଇବା ପାଣି, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥାରେ ଉନ୍ନତି ଅଣାଯିବ। ଯୋଗାଯୋଗ ଏବଂ ଆନୁଷଙ୍ଗିକ ଭିତ୍ତିଭୂମିକୁ ସୁଦୃଢ଼ କରାଯିବ । ସମ୍ବଲପୁରରେ ରିଙ୍ଗ୍ ରୋଡ୍ କରାଯିବ । ସହର ମଧ୍ୟରେ ଥିବା ଆଭ୍ୟନ୍ତରୀଣ ରାସ୍ତା ତିଆରି କରାଯିବ । ମହାନଦୀ ଉପରେ ବ୍ରିଜ୍ ନିର୍ମାଣ ହେବ, ଯାହା ବୁର୍ଲା ଓ ହୀରାକୁଦକୁ ସଂଯୋଗ କରିବ । ସମ୍ବଲପୁର ସହରକୁ ଏକ ବୃହତ ମହାନିଗମ ନିଗମରେ ପରିଣତ କରିବା ପାଇଁ ଆମ ସରକାର ଅଙ୍ଗୀକାରବଦ୍ଧ। ଏହି ଅବସରରେ ଶ୍ରୀ ପ୍ରଧାନ ସମ୍ବଲପୁରରେ ଦେବଦମ୍ପତ୍ତି ଭଗବାନ ଶିବ ଏବଂ ମାତା ପାର୍ବତୀଙ୍କ ଅନନ୍ୟ ପର୍ବ ଶୀତଳ ଷଷ୍ଠୀ ପର୍ବରେ ସାମିଲ ହେବା ପାଇଁ ରାଜ୍ୟ ଏବଂ ଦେଶବାସୀଙ୍କୁ ନିମନ୍ତ୍ରଣ ଦେଇଛନ୍ତି।

ସେହିପରି ସମ୍ବଲପୁର ଜେଲ ଛକ ଠାରେ ଜିଲ୍ଲା ପ୍ରଶାସନ ଏବଂ ଓରମାସ ପକ୍ଷରୁ ଆୟୋଜିତ ଆମ୍ବ ପସରା ପ୍ରଦର୍ଶନୀ ବୁଲିବା ସହ ଆମ୍ବ ରପ୍ତାନୀ ଗାଡ଼ିର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ସମ୍ବଲପୁରରେ ଉତ୍ପାଦିତ ହେଉଥିବା ଆମ୍ରପଲ୍ଲୀ, ମଲ୍ଲିକା, ଲେଙ୍ଗଡ଼ା ଓ ବାଇଗଣପଲ୍ଲୀ ଭଳି ବିଭିନ୍ନ ରକମର ସୁସ୍ୱାଦୁ ଆମ୍ବ ଓଡ଼ିଶା ସରକାରଙ୍କ କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ସହଯୋଗରେ ଦୁବାଇ ଓ ଇଂଲଣ୍ଡ ଭଳି ରାଷ୍ଟ୍ରକୁ ରପ୍ତାନୀ ହେଉଛି, ଯାହା ପ୍ରଶଂସନୀୟ ଉଦ୍ୟମ। ସମ୍ବଲପୁର ଏକ କୃଷି ପ୍ରଧାନ ଅଞ୍ଚଳ । ବିଦେଶ ବଜାରରେ ଯୁଯୁମୁରା, ନାକଟିଦେଉଳ ଓ ଯମନକିରା ଅଞ୍ଚଳରେ

ଫଟୋ ପାଇଁ ଲାଲୁଙ୍କ ପରିବାରରେ ଫାଟ

## ବଡ଼ ପୁଅ ଦଳ ଓ ପରିବାରରୁ ବହିଷ୍କୃତ

**ପାଟନା, ୨୫।୫**(ମହାଭାରତ): ରାଷ୍ଟ୍ରୀୟ ଜନତା ଦଳ(ଆରଜେଡି)ରୁ ବହିସ୍କାର ହେଲେ ତେଜପ୍ରତାପ ଯାଦବ ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବ ତାଙ୍କ ବଡ଼ ପୁଅ ତେଜ ପ୍ରତାପ ଯାଦବଙ୍କୁ ଦଳରୁ ୫ ବର୍ଷ ପାଇଁ ବହିସ୍କାର କରିଛନ୍ତି। ତାଙ୍କର ଦାୟିତ୍ୱହୀନ ଆଚରଣ ଓ ପାରିବାରିକ ମୂଲ୍ୟବୋଧ ତଥା ସାର୍ବଜନିକ ଶିଷ୍ଟାଚାରରୁ ସେ ବିଚ୍ୟୁତି ହୋଇଥିବା ତାଙ୍କୁ ଦଳରୁ ବହିସ୍କାର କରାଯାଇଥିବା ଲାଲୁ ଯାଦବ କହିଛନ୍ତି।

ପ୍ରକୃତରେ ଗତକାଲି ଲାଲୁ ଯାଦବଙ୍କ ବଡ଼ ପୁଅ ତେଜପ୍ରତାପ ଫେସବୁକରେ ଅନୁଷ୍କା ଯାଦବଙ୍କ ସହ ତାଙ୍କର ଦୀର୍ଘକାଳୀନ ସମ୍ପର୍କ ବିଷୟରେ ଘୋଷଣା କରିଥିଲେ। ଅନୁଷ୍କାଙ୍କୁ ସେ ଗତ ୧୨ ବର୍ଷ ଧରି ଭଲ ପାଉଥିଲେ ଓ ତାଙ୍କ ସମ୍ପର୍କରେ ଥିଲେ ବୋଲି ଫେସବୁକ ପୋଷ୍ଟରେ ଲେଖିଥିଲେ। ଏହାର ଦିନକ ପରେ ବାପା ଲାଲୁ ଯାଦବ ଏଭଳି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି।

ତାଙ୍କ ନିଷ୍ପତ୍ତି ସମ୍ପର୍କରେ ସୋସିଆଲ ମିଡିଆରେ ଘୋଷଣା କରି ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ଯାଦବ ଲେଖିଛନ୍ତି। ବ୍ୟକ୍ତିଗତ ଜୀବନରେ ନୈତିକ ମୂଲ୍ୟବୋଧକୁ ଅଣଦେଖା କରିବା ସାମାଜିକ ନ୍ୟାୟ ପାଇଁ ଦଳର ସାମୂହିକ ସଂଘର୍ଷକୁ ଦୁର୍ବଳ କରିଥାଏ। ତେଜ ପ୍ରତାପଙ୍କ ଆଚରଣ ପାରିବାରିକ ମୂଲ୍ୟବୋଧ କିମ୍ବା ପରମ୍ପରା ସହିତ ସଙ୍ଗତ ନଥିଲା। ତେଣୁ ତାଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ଲାଲୁ ଲେଖିଛନ୍ତି।

ଏକ୍ସରେ ଏକ ବଡ଼ ପୋଷ୍ଟ କରି ଲାଲୁ ଲେଖିଛନ୍ତି ବ୍ୟକ୍ତିଗତ ଜୀବନରେ ନୈତିକ ମୂଲ୍ୟବୋଧକୁ ଅବହେଳା କରିବା ସାମାଜିକ ନ୍ୟାୟ ପାଇଁ ଆମର ସାମୂହିକ ସଂଘର୍ଷକୁ ଦୁର୍ବଳ କରିଦିଏ। ବଡ଼ ପୁଅର କାର୍ଯ୍ୟକଳାପ, ସାର୍ବଜନୀନ ଆଚରଣ ଏବଂ ଦାୟିତ୍ୱହୀନ ଆଚରଣ ଆମ ପାରିବାରିକ ମୂଲ୍ୟବୋଧ ଏବଂ ସଂସ୍କାର ଅନୁରୂପ ନୁହେଁ। ତେଣୁ, ଉପରୋକ୍ତ ପରିସ୍ଥିତି ଯୋଗୁଁ, ମୁଁ ତାଙ୍କୁ ଦଳ ଏବଂ ପରିବାରଠାରୁ ଦୂରେଇ ରଖୁଛି ଏବେଠାରୁ ତାଙ୍କର ଦଳ ଏବଂ ପରିବାରରେ କୌଣସି ପ୍ରକାରର ଭୂମିକା ରହିବ ନାହିଁ। ତାଙ୍କୁ ଦଳରୁ ୬ ବର୍ଷ ପାଇଁ ବହିଷ୍କାର କରାଯାଇଛି। ସେ ନିଜେ ତାଙ୍କ ବ୍ୟକ୍ତିଗତ ଜୀବନର ଭଲ ଓ ମନ୍ଦ ଏବଂ ଗୁଣ ଓ ଦୋଷ ଦେଖିବାରେ ସକ୍ଷମ ତାଙ୍କ ସହିତ ଯେଉଁମାନେ ସମ୍ପର୍କ ରଖିବେ ସେମାନେ ନିଜ ବିବେକ ବ୍ୟବହାର କରି ନିଷ୍ପତ୍ତି ନେବା ଉଚିତ। ମୁଁ ସବୁବେଳେ ସାର୍ବଜନୀନ ଜୀବନରେ ସାର୍ବଜନୀନ ଲଜ୍ଜାର ସମର୍ଥକ ରହିଆସିଛି ପରିବାରର ଆଜ୍ଞାକାରୀ ସଦସ୍ୟମାନେ ସାର୍ବଜନୀନ ଜୀବନରେ ଏହି ଧାରଣାକୁ ଗ୍ରହଣ କରିଛନ୍ତି ଏବଂ ଅନୁସରଣ କରିଛନ୍ତି ଧନ୍ୟବାଦ।



# ଭୂତଳରେ ଦୌଡ଼ିବ ଭୁବନେଶ୍ୱର ମେଟ୍ରୋ ଟ୍ରେନ୍ : ପୂର୍ତ୍ତମନ୍ତ୍ରୀ

ଭୁବନେଶ୍ୱର, ୨୫।୫(ମହାଭାରତ: ବହୁ ପ୍ରତୀକ୍ଷିତ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ନେଇ ନୂଆଁ ଅପଡେଟ୍ ଆସିଛିୟ। ରାଜ୍ୟ ସରକାର ଭୁବନେଶ୍ୱରରେ ମେଟ୍ରୋ ଟ୍ରେନ୍ ବ୍ରିଜ୍ ଉପର ବଦଳରେ ମାଟି ଭିତର ଦେଇ ଚଳାଚଳ କରିବାକୁ ଯୋଜନା କରୁଛନ୍ତି। ଏଥି ପାଇଁ ପ୍ରାୟତଃ ପ୍ରସ୍ତୁତି ସଂପର୍କିତ ଆଲୋଚନା ମଧ୍ୟ ହୋଇସାରିଛି। କୋଲକାତା ମେଟ୍ରୋ ଟ୍ରେନ୍ ଭଳି ଭୁବନେଶ୍ୱର ମେଟ୍ରୋ ରେଳ ଅଣ୍ଡରଗ୍ରାଉଣ୍ଡ ହେବ। ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ନେଇ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ରାଜଧାନୀରେ ଅଣ୍ଡରଗ୍ରାଉଣ୍ଡ ହେବ




ମେଟ୍ରୋ। ମାଟି ତଳେ ଚାଲିବ ମେଟ୍ରୋ।

ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ହରିଚନ୍ଦନ କହିଛନ୍ତି, ରାଜ୍ୟର ରାଜଧାନୀ ଭୁବନେଶ୍ୱରର ଜନସଂଖ୍ୟା ଦ୍ରୁତଗତିରେ ବିବାରେ ଲାଗିଛି। ଏହି କାରଣରୁ ଜନଗହଳି ବଢ଼ିବାରେ ଲାଗିଛି। ଭୁବନେଶ୍ୱରରେ ଯେଉଁଭଳି ଭାବେ ଦିନକୁ ଦିନ ଭିଡ଼ ନିୟନ୍ତ୍ରଣ ବାହାରକୁ ଯାଉଛି, ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବଡ଼ ପ୍ଲାନ୍ କରିଛନ୍ତି। ସେଥିପାଇଁ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପକୁ ଅଣ୍ଡରଗ୍ରାଉଣ୍ଡ କରାଯିବାକୁ ନିଷ୍ପତ୍ତି ହୋଇଛି। ଭୁବନେଶ୍ୱରରେ ପ୍ରସ୍ତାବିତ ମେଟ୍ରୋ ରେଳ ପାଇଁ ତତ୍କାଳୀନ ସରକାରରେ ମୂଳଦୁଆ ପଡ଼ିଥିଲା। ଗତବର୍ଷ ଜାନୁଆରି ପହିଲାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମେଟ୍ରୋ ରେଳ ପାଇଁ ତ୍ରିଶୁଳିଆ ନିକଟ ରତଗଡ଼ର ଲେଙ୍କା ସାହିରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ପ୍ରକଳ୍ପ ପାଇଁ ମୋଟ ୬୨୫୫ କୋଟି ଟଙ୍କା ବ୍ୟୟ ହୋଇଛି। ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ପକଳ୍ପର ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ଏୟାରପୋର୍ଟଠାରୁ ତ୍ରିଶୂଳିଆ ଛକ ପର୍ଯ୍ୟନ୍ତ ୨୬ କିଲୋମିଟର ପର୍ଯ୍ୟନ୍ତ ଏହି ମେଟ୍ରୋ ରେଳ ଚାଲିବ। ପରବର୍ତ୍ତୀ ସମୟରେ ଏହା ଏସସିବି ପର୍ଯ୍ୟନ୍ତ ସଂପ୍ରସାରଣ ହେବୟ ଏହା ମଧ୍ୟରେ ମୋଟ ୨୨ଟି ଷ୍ଟେସନ ରହିବ। ରାଜମହଲ, ଜୟଦେବ ବିହାର, କ୍ୟାପିଟାଲ ହସପିଟାଲ, ପଟିଆ ପ୍ରଭୃତି ପ୍ରମୁଖ ସ୍ଥାନ ସହ ଅନ୍ୟ ଜାଗାରେ ଷ୍ଟେସନ ବ୍ୟବସ୍ଥା ହେବ। ଏହି ପ୍ରକଳ୍ପର ନିର୍ମାଣ କାମ ୨୦୨୭ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି।

## ସନ୍ଧ୍ୟା ୫:୩୦ ପୂର୍ବରୁ ଅଫିସ ଛାଡ଼ିବା ମନା

ଭୁବନେଶ୍ୱର, ୨୫।୫(ମହାଭାରତ): ଓଡ଼ିଶା ଗ୍ରାମୀଣ ଉନ୍ନୟନ ବିଭାଗ କର୍ମଚାରୀଙ୍କ ହାଜିରା ରେକର୍ଡ ବାୟୋମେଟ୍ରିକ ମେସିନ ଜରିଆରେ ବାଧ୍ୟତାମୂଳକ କରିଛି ଏବଂ ସମସ୍ତ କର୍ମଚାରୀଙ୍କୁ ସନ୍ଧ୍ୟା ୫:୩୦ ପୂର୍ବରୁ ଅଫିସ ଛାଡ଼ିବାକୁ ନିଷେଧ କରିଛି। ବିଭାଗ ଆହୁରି କହିଛି ଯେ ଯଦି କୌଣସି କର୍ମଚାରୀ ଅଫିସ-ଆଉଟ ଡାଟା ରେକର୍ଡ ନ କରନ୍ତି, ତେବେ ସେହି ଦିନ ପାଇଁ ସମ୍ପୃକ୍ତ କର୍ମଚାରୀଙ୍କୁ କର୍ତ୍ତବ୍ୟରୁ ଅନୁପସ୍ଥିତ ବୋଲି ଗଣାଯିବ। ବିଭାଗର ନିର୍ଦ୍ଦେଶରେ କୁହାଯାଇଛି, ସମସ୍ତ କର୍ମଚାରୀ ସକାଳ ୧୦ ଟା ସୁଦ୍ଧା ଅଫିସରେ ପହଞ୍ଚିବେ ଏବଂ ସମସ୍ତ କାର୍ଯ୍ୟଦିବସରେ ସନ୍ଧ୍ୟା ୫:୩୦ ପୂର୍ବରୁ ଅଫିସ ଛାଡ଼ିବେ ନାହିଁ। ତେବେ, ଅପ୍ରତ୍ୟାଶିତ ପରିସ୍ଥିତି ଜନିତ ବିଳମ୍ବକୁ ବିଚାରକୁ ନେଇ ୩୦ ମିନିଟର ଛାଡ଼ପତ୍ର ଅନୁମୋଦିତ ହୋଇଛି। ନିର୍ଦ୍ଦେଶରେ ଆହୁରି କୁହାଯାଇଛି ଯେ ବିଭାଗର ଜଣେ କର୍ମଚାରୀଙ୍କୁ ସମସ୍ତ କାର୍ଯ୍ୟଦିବସରେ ଅଫିସରେ ଅତି କମରେ ୭ ଘଣ୍ଟା ୩୦ ମିନିଟ ଉପସ୍ଥିତ ରହିବାକୁ ନିଶ୍ଚିତ କରିବାକୁ ହେବ। ଚିକିତ୍ସା ବା ଅନ୍ୟ ଜରୁରୀ ପରିସ୍ଥିତି, ଅଫିସିଆଲ ଟୁର, ବିଭାଗ ପରିସର ବାହାରେ ଅଫିସିଆଲ କାର୍ଯ୍ୟ ପାଇଁ ଅନୁପସ୍ଥିତି, କିମ୍ବା ଅଫିସ-ଇନ ଏବଂ ଅଫିସ-ଆଉଟ ରେକର୍ଡ କରିବାକୁ ଅନୁମତି ନ ଦେଉଥିବା ଅନ୍ୟ ଅନିବାର୍ଯ୍ୟ ପରିସ୍ଥିତିରେ ସମ୍ପୃକ୍ତ ଅଧିକାରୀଙ୍କୁ ତାଙ୍କ ଶାଖା ଅଧିକାରୀ କିମ୍ବା ଯୋଗ୍ୟ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇବାକୁ ହେବ, ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଛି।

# ସେଓ ରାବିଡ଼ି

ଆପଣ ଅନେକ ଥର ରାବିଡି ନିଶ୍ଚୟ ଖାଇଥିବେ। କିଛି ଲୋକଙ୍କର ଏହା ଫେଭରେଟ ମିଠା ଡ଼ିଶ ମଧ୍ୟ ଅଟେ। ଆଜି ଆମେ ଆପଣଙ୍କୁ ଆପେଲ ରାବିଡ଼ି ବିଷୟରେ ବତାଇବୁ।ଏଥିର ରାବିଡ଼ି ତ ଏକା ଭଳି ମାତ୍ର ସେଓ,ପିସ୍ତା ଏବଂ ବାଦାମ ଟେଷ୍ଟକୁ କରିବ ଆହୁରି ମଜାଦାର।

**ଆବଶ୍ୟକ ସାମଗ୍ରୀ:**

୩ଟି ମଧ୍ୟମ ଆକାରର ସେଓ,୧ଲିଟର କ୍ଷୀର,୩ଟେବୁଲ ଚାମଚ ଚିନି,୧/୪ ଚା ଚାମଚ ଗୁଜୁରାତି,୮-୧୦ ବାଦାମ, ୮-୧୦ ପିସ୍ତା

**ପ୍ରସ୍ତୁତି ପ୍ରଣାଳୀ:**

ଏକ ବଡ଼ ବାସନରେ କ୍ଷୀର ଫୁଟାନ୍ତୁ। ଏହାକୁ ଧୀରେ ଧୀରେ ଗୋଳାନ୍ତୁ,ଯେ ପର୍ଯ୍ୟନ୍ତ କ୍ଷୀର ଗାଢ ନହୋଇ ଯାଉ ସେ ପର୍ଯ୍ୟନ୍ତ କ୍ଷୀରକୁ ଗୋଳାନ୍ତୁ। ଏହା ପରେ ଏଥିରେ ଚିନି ପକାନ୍ତୁ ଏବଂ ମଧ୍ୟମ ଆଂଚରେ କ୍ଷୀରକୁ ଗରମ କରନ୍ତୁ ।

ସେଓର ଚୋପା ବାହାର କରି ଏହାକୁ ଚକଟି ଦିଅନ୍ତୁ। ଯେତେବେଳେ କ୍ଷରୀରର ମାତ୍ରା କମିଯିବ ଏଥିରେ ସେଓକୁ ଢାଳି ଭଲ ଭାବେ ମିଶାଇ ଦିଅନ୍ତୁ। ଏହାକୁ ୩ରୁ ୪ମିନିଟ ପର୍ଯ୍ୟନ୍ତ ଫୁଟାନ୍ତୁ। ଏହା ପରେ ଏଥିରେ ଗୁଜୁରାତି ପାଉଡ଼ର ଫ୍ଲେଭର ପାଇଁ ବାଦାମ ଏବଂ ପିସ୍ତା ପକାନ୍ତୁ। ଏହା ପରେ ଏହାକୁ ଗରମ କିମ୍ବା ଥଣ୍ଡା ପରଷନ୍ତୁ ।



# ଆଇଟମ୍ ଗୀତରେ ବାବୁଙ୍କ ସହ ନାଚିଲେ କୁକିଜ୍





ଏବେ ଓଡ଼ିଆ ଚଳଚ୍ଚିତ୍ରର ଜଣାଶୁଣା ନାୟିକାମାନେ ଆଇଟମ୍ ନମ୍ବର କରିବାକୁ ଆଗେଇ ଆସୁଛନ୍ତି। ଅନୁ ଚୌଧୁରୀ, ନମ୍ରତା ଥାପ୍ପା, ଏଲିନା, ଦିବ୍ୟା, ଅନନ୍ୟା, ଅଙ୍କିତା ଦାଶ, ଲଭ୍ଲି, ଅନୁଭା, ସୁପ୍ରିୟା, ରୀୟା ଓ ଜୀନାଙ୍କ ପରି ଆଗଧାଡ଼ିର ନାୟିକାମାନେ ଆଇଟମ୍ ନମ୍ବର କରି ବେଶ୍ ଚର୍ଚ୍ଚିତ ବି ହୋଇଛନ୍ତି। ଏବେ ଏହି ତାଲିକାରେ ଆଉ ଏକ ନାଆଁ ଯୋଡ଼ିହୋଇଛି। ସେ ହେଲେ 'କସ୍ତୁରୀ' ଓ 'ହାଫ୍ ଲଭେ୍ଷ୍ଟୋରି' ଭଳି ଓଡ଼ିଆ ଛବି ଓ 'ଆସ୍ତିକ ନାସ୍ତିକ', 'ମା ପେଟରୁ ମୁଁ ଜଗତଜିତା' ଓ 'ତୋ ବିନୁ ଅନ୍ୟ ଗତି ନାହିଁ' ଭଳି ଟେଲିସିନେମା ଏବଂ 'ରକ୍ତତୀର୍ଥ' ଭଳି ୱେବ୍ ସିରିଜ୍ର ନାୟିକା କୁକିଜ୍ ସ୍ୱାଇଁୟ ବାବୁସାନ୍ଙ୍କ ଅଭିନୀତ 'ବୋଉ ବୁଟୁ ଭୂତ'ରେ ପ୍ରଥମଥର ପାଇଁ ଆଇଟମ୍ ଗାର୍ଲ ସାଜିଛନ୍ତି କୁକିଜ। ଏଥିରେ ଥିବା 'ଡୁଙ୍ଗୁଥିଲି...' ଗୀତରେ ନଜର ଆସିବେ ସେ। ଏହି ଆଇଟମ୍ ଗୀତରେ ବାବୁସାନ୍ ଓ କୁକିଜ୍ଙ୍କ ବ୍ୟତୀତ ବର୍ଣ୍ଣି ଅନୁଗୁଳିଆ ଓ ଉଦିତ ଗୁରୁଙ୍କୁ ବି ଦେଖିବାକୁ ମିଳିବ। ଗେରବ ଆନନ୍ଦଙ୍କ ସ୍ୱର ସଂଯୋଜିତ ଏହି ଆଇଟମ୍ ନମ୍ବରରେ କଣ୍ଠଦାନ କରିଛନ୍ତି କୁଲଦୀପ ଓ ଅନ୍ତରା ଚକ୍ରବର୍ତ୍ତୀ। ଏହି ସିନେମାରେ କୁକିଜ୍ଙ୍କୁ ପ୍ରଥମଥର ଲାଗି ବାବୁସାନ୍ଙ୍କ ସହ ସ୍କ୍ରିନ୍ ସେୟାର୍ କରିବାର ସୁଯୋଗ ମିଳିଛି।ଏ ନେଇ କୁକିଜ୍ କହନ୍ତି, ''ବାହାଘର ପରେ ଏହା ମୋର ପ୍ରଥମ ସିନେମା। ନିଜେ ବାବୁସାନ୍ ମହାନ୍ତି ପ୍ରଥମେ ଏହି ଆଇଟମ୍ ନମ୍ବର ଲାଗି ଆପ୍ରୋଚ୍ କରିଥିଲେ। ପରେ ପ୍ରଯୋଜିକା ତୃପ୍ତି ଶତପଥୀ ମ୍ୟାମ୍ ଓ କୋରିଓଗ୍ରାଫର୍ ଅମିତ ସାର୍ କଲ୍ କରିଥିଲେ। ବାବୁସାନ୍ଙ୍କ ସହ ସ୍କ୍ରିନ୍ ସେୟାର୍ କରିବାର ସୁଯୋଗ ହାତଛଡ଼ା କରିବାକୁ ଚାହିଲିନି। ଏଣୁ ହଁ ଭରିଥିଲି। ଦୁଇଦିନ ଧରି ଏହି ଗୀତର ସୁଟିଂ ହୋଇଥିଲା।''

## ଅନେକ ରୋଗକୁ ଦୂରରେ ରଖିଥାଏ ଗଜାମୁଗ



ମୁଗ ଡାଲି ଖାଇବା ଶରୀର ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ସମସ୍ତେ କହିଥାନ୍ତି। ଏଥିରେ କମ କ୍ୟାଲୋରୀ ଥିବା ସହ ଭିଟାମିନ ଏ, ବି, ସି, ଏବଂ ଇ ଅଧିକ ପରିମାଣରେ ରହିଥାଏ । ଏହା ସହ ମ୍ୟାଗ୍ନେସିୟମ,କପର, ଫାଇବର, ପୋଟାସିୟମ, ଆଇରନ ଭଳି ଅନେକ ପୋଷକ ତତ୍ତ୍ୱ ମୁଗରେ ରହିଥାଏ । ତେବେ ମୁଗ ସହ ଗଜାମୁଗ ମଧ୍ୟ ଶରୀର ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ । ଆସନ୍ତୁ ଜାଣିବା ସକାଳ ସମୟରେ ଗଜାମୁଗ ଖାଇବା ଦ୍ୱାରା କ'ଣ ସବୁ ଫାଇଦା ମିଳିଥାଏ।

୧- ସକାଳ ସମୟରେ ଗଜାମୁଗ ଖାଇବା ଦ୍ୱାରା ଏହା ଶରୀରରେ କର୍କଟ ରୋଗ ସୃଷ୍ଟିକାରୀ କୋଷିକାଗୁଡିକୁ ବଢିବାରୁ ରୋକିଥାଏ । ଯାହା ଦ୍ୱାରା କର୍କଟ ରୋଗ ହେବାର ଆଶଙ୍କା କମ ହୋଇଥାଏ ।

୨- ଯେଉଁ ଲୋକମାନଙ୍କର ଉଚ୍ଚ ରକ୍ତଚାପର ସମସ୍ୟା ରହିଛି ସେମାନଙ୍କ ପାଇଁ ସକାଳ ସମୟରେ ଗଜାମୁଗ ଖାଇବା ଅତ୍ୟନ୍ତ ଲାଭଦାୟକ । ଏଥିରେ ସୋଡିୟମ ନଥିବାରୁ ଏହାକୁ ଖାଇଲେ କୋଲେଷ୍ଟ୍ରଲର ସ୍ତର ଏବଂ ରକ୍ତଚାପ ନିୟନ୍ତ୍ରଣ ହୋଇ ରହିଥାଏ ।

୩- ସକାଳୁ ଉଠିବା ପରେ ଗଜାମୁଗ ଖାଇବା ଦ୍ୱାରା ପାଚନ କ୍ରିୟା ସୁସ୍ଥ ରହିଥାଏ । ଯେଉଁ ଲୋକମାନଙ୍କରେ ଖାଦ୍ୟ ହଜମ ହେବାରେ ଅସୁବିଧା ହେଉଛି । ସେମାନଙ୍କୁ ସକାଳୁ ଗଜାମୁଗ ଖାଇବା ଆରମ୍ଭ କରିବା ଦରକାର ।

୪- ଲିଭର ସମସ୍ୟାକୁ ଦୂର କରିବା ବା ରୋଗ ପ୍ରତିରୋଧକ ଶକ୍ତି ବଢାଇବା ପାଇଁ ଗଜାମୁଗ ଖୁବ୍ ଭଲ।

## ସାବିତ୍ରୀ ବ୍ରତରେ ଶୁଭ ସଂଯୋଗ; ଏହି ସମୟରେ କରନ୍ତୁ ପୂଜା





ପ୍ରତ୍ୟେକ ବର୍ଷ ଜ୍ୟେଷ୍ଠ ମାସ କୃଷ୍ଣ ପକ୍ଷ ଅମାବାସ୍ୟା ତିଥିରେ ସାବିତ୍ରୀ ବ୍ରତ ପାଳନ କରାଯାଏ। ଏହି ଦିନ ସଧବା ନାରୀମାନେ ନିଜ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ଉପବାସ ରଖିଥାନ୍ତି। ବିଶ୍ୱାସ ଅନୁସାରେ ଏହି ଦିନ ଉପବାସ ରଖିଥିବା ନବ ଦମ୍ପତି ସନ୍ତାନ ପ୍ରାପ୍ତି ହେବାର ସ୍ୱାଭାଗ୍ୟ ଅର୍ଜନ କରନ୍ତି। ଏହାବ୍ୟତୀତ ଘରେ ସୁଖ, ଶାନ୍ତି ଓ ସମୃଦ୍ଧି ବଜାୟ ରହିଥାଏ। ଚଳିତ ବର୍ଷ ସାବିତ୍ରୀ ଓଷା ଦିନ ଗ୍ରହମାନଙ୍କର ଏକ ବିରଳ ସଂଯୋଗ ହେଉଛି। ଚଳିତ ଥର ମଇ ୨୬ରେ ସାବିତ୍ରୀ ବ୍ରତ ପଡୁଥିବାରୁ ଏହି ଦିନ ଧୃତି ଯୋଗ ସହିତ ଶିବବାସ ଯୋଗର ବିରଳ ସଂଯୋଗ ହେଉଛି। ଏହିଦିନ ଉପବାସ ରଖିଲେ ଜୀବନରେ ଏହାର ପ୍ରଭାବ ଦ୍ୱିଗୁଣିତ ପଡିଥାଏ। ଜ୍ୟୋତିଷଙ୍କ ମତରେ ଜ୍ୟେଷ୍ଠ ଅମାବାସ୍ୟା ଦିନ ସନ୍ଧ୍ୟା ୬ଟା ୭ମିନିଟ ପର୍ଯ୍ୟନ୍ତ ଶିବବାସ ଯୋଗ ରହିଛି। ଏହି ସମୟରେ ଭଗବାନ ଶିବ ଓ ମାତା ପାର୍ବତୀଙ୍କୁ ପୂଜା କରିବା ଦ୍ୱାରା ପରିବାରରେ ସୁଖ ସମୃଦ୍ଧି ବଜାୟ ରହିବ। ସେହିପରି ୨୬ମଇ ରାତି ୧୦ଟା ୮ମିନିଟରେ ଧୃତି ଯୋଗର ଆରମ୍ଭ ହେବ। ବିଶ୍ୱାସ କରାଯାଏ ଯେ ଏହି ଦିନ ସ୍ୱତନ୍ତ୍ର ଭାବେ ସ୍ତ୍ରୀମାନେ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ପୂଜା କରିଲେ ଅଖଣ୍ଡ ସ୍ୱଭାଗ୍ୟବତି ହେବାର ସ୍ୱଭାଗ୍ୟ ଅର୍ଜନ କରିଥାନ୍ତି। ପୌରାଣିକ ଅନୁସାରେ ସ୍ୱାମୀ ସତ୍ୟବାନଙ୍କର ଆୟୁକାଳ ସ୍ୱଳ୍ପ ଜାଣି ମଧ ସାବିତ୍ରୀ ତାଙ୍କୁ ବିବାହ କରିଥିଲେ। ନିଜର ଦୃଢ ମନୋବଳ ଏବଂ ନିଷ୍ଠା ଯୋଗେ ଯମଙ୍କୁ ଜିଣି ସତ୍ୟବାନଙ୍କୁ ପୁନର୍ଜୀବିତ କରିଥିଲେ। ଏଥିପାଇଁ ସେହି ଦିନକୁ ସାବିତ୍ରୀ ବ୍ରତ ଭାବେ ପାଳନ କରାଯାଉଛି।

# ମହାଭାରତରେ କୁନ୍ତି, ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କୁ ମିଳିଥିଲା ଏହିଭଳି ଭୟନକ ମରଣ



ମହାଭାରତ ଯୁଦ୍ଧ ସମାପ୍ତି ପରେ ହସ୍ତିନାପୁରର ରାଜା ହେଲେ ଯୁଧିଷ୍ଠିରୟ ଏହାପରେ କୌରବଙ୍କ ପିତା ଧୃତରାଷ୍ଟ୍ର ଓ ତାଙ୍କ ପତ୍ନୀ ଗାନ୍ଧାରୀ ଏବଂ ପାଣ୍ଡବଙ୍କ ମାଆ କୁନ୍ତିଙ୍କ ସହ ଜଙ୍ଗଲକୁ ଚାଲିଯିବାକୁ ବାହାରିଥିଲେ। ଯୁଧଷ୍ଠିରଙ୍କ ଅନୁମତି ପାଇଁ ତିନିଜଣ ତାଙ୍କ ପାଖକୁ ଯାଇଥିଲେ । ହେଲେ ଯୁଧିଷ୍ଠିର ଓ ତାଙ୍କ ଭାଇମାନେ ଜଙ୍ଗଲ ନଯିବା ପାଇଁ ତାଙ୍କୁ ଅନୁରୋଧ କରିଥିଲେ। କିନ୍ତୁ କୌରବଙ୍କ ପତି ଧୃତରାଷ୍ଟ୍ରଙ୍କ ପ୍ରତି ଭୀମ ନିଜର ରାଗକୁ ଅଧିକ ସମୟ ପର୍ଯ୍ୟନ୍ତ ନିୟନ୍ତ୍ରଣ କରିପାରିନଥିଲେ। ଭୀମଙ୍କ ମୁହଁରୁ ଏମିତି ଏକ କଥା ବାହାରିଗଲା, ଯାହା ଧୃତରାଷ୍ଟ୍ରଙ୍କୁ ବହୁତ କଷ୍ଟ ଦେଲା । ତେଣୁ ସେ ରାଜମହଲରେ ରହିବେ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେୟ ଧୃତରାଷ୍ଟ୍ର ତାଙ୍କ ପତ୍ନୀଙ୍କୁ ସାଙ୍ଗରେ ନେଇ ଜଲଙ୍ଗ ଯାତ୍ରା ବାହାରିଲେ। ଏହି ସମୟ ଧୃତରାଷ୍ଟ ଓ ଗାନ୍ଧାରୀଙ୍କ ସହ ଯିବା ପାଇଁ ପାଣ୍ଡବଙ୍କ ମାଆ କୁନ୍ତି ମଧ ଜିଦ୍ କରିଥିଲେ। ଜଙ୍ଗଲକୁ ନଯିବା ପାଇଁ ଯୁଧିଷ୍ଠିର ସେମାନଙ୍କୁ ଯେତେ ବୁଝାଇଲେ ବି ସେମାନେ ମାନି ନଥିଲେ। ସେହି ସମୟରେ ବେଦବ୍ୟାସ ରାଜମହଲରେ ପଦାର୍ପଣ କରିଥିଲେ। ସେମାନଙ୍କ ଜଙ୍ଗଲ ଯାତ୍ରା ପାଇଁ ଯୁଧିଷ୍ଠିରଙ୍କୁ ବୁଝାଇ ଦେଇଥିଲେ ବ୍ୟାସଦେବ। ଧୃତରାଷ୍ଟ୍ର, ଗାନ୍ଧାରୀ ଓ କୁନ୍ତିଙ୍କୁ ସାଙ୍ଗରେ ନେଇ ବେଦବ୍ୟାସ ଜଙ୍ଗଲକୁ ଚାଲି ଯାଇଥିଲେ। ବହୁ ବର୍ଷଧରି ବାନପ୍ରସ୍ଥ ଆଶ୍ରମରେ ସେମାନେ ସାଧୁ ଓ ସନ୍ୟାସୀଙ୍କ ଭଳି ଜୀବନ ଅତିବାହିତ କରୁଥିଲେ। ରାଜମହଲରେ ବିଳାସପୂର୍ଣ୍ଣ ଭାବେ ରହୁଥିବା ଏହି ତିନିଜଣଙ୍କ ଶରୀର ଧୀରେ ଧୀରେ ଦୁର୍ବଳ ହେବାକୁ ଲାଗିଲାୟଦିନେ ଜଙ୍ଗଲରେ ଅଚାନକ ନିଆଁ ଲାଗି ଗଲାୟ ନିଜ ଜୀବନ ବଞ୍ଚାଇବା ପାଇଁ ସମସ୍ତେ ଦୌଡା ଦୌଡି କଲେ। ନିଜ ଜୀବନ ବ□ାଇବା ପାଇଁ କୁନ୍ତି, ଗାନ୍ଧାରୀ ଓ ଧୃତରାଷ୍ଟ୍ର ମଧ ଦୌଡବା ଆରମ୍ଭ କରିଥିଲେ। ହେଲେ ଦୁର୍ବଳ ଶରୀର ପାଇଁ ଅଧିକ ବାଟ ଯାଇପାରିଲେ ନାହିଁ। ଦ୍ରୁତଗତିରେ ନିଆଁ ଜଙ୍ଗଲର ଚାରିଆଡେ ଖେଳିଗଲା।ଆଉ କିଛି ଉପାୟ ନପାଇ ଧୃତରାଷ୍ଟ୍ର, ଗାନ୍ଧାରୀ ଓ କୁନ୍ତି ଧ୍ୟାନରେ ବସିଗଲେ। ଏହି ନିଆଁରେ ତିନିଜଣ ଜଳିପୋଡି ପାଉଁଶ ହୋଇଗଲେ।

## ସ୍ୱାସ୍ଥ୍ୟ ପାଇଁ ରାମବାଣ କଦଳୀ ପତ୍ର ; ତ୍ୱଚା ଠାରୁ ପାଚନ



କଦଳୀ ପତ୍ରରେ ଭୋଜନ ସେବନ କରିବା ଅନେକ ସମୟରେ ଦେଖିଥିବେ। ଭାରତରେ କଦଳୀ ପତ୍ରର ଶୁଭ କାର୍ଯ୍ୟରେ ବିଶେଷ ଭାବେ ପ୍ରୟୋଗ କରାଯାଏ। ଏହାର ବ୍ୟବହାର ବିଭିଓ ସମାରୋହରେ ଭୋଜନ ପରସିବା କିମ୍ବା ଅନୁଷ୍ଠାନରେ ଥାଳି ଭାବେ ବ୍ୟବହାର କରାଯାଏ। ଏହି ପତ୍ରରେ ଖାଦ୍ୟ ଖାଇବା ଦ୍ୱାରା ପାଚନ ତନ୍ତ୍ର ସୁସ୍ଥ ରହିଥାଏ।

କଦଳୀ ପତ୍ରରେ ଆଣ୍ଟି-ବ୍ୟାକ୍ଟେରିୟଲ ଗୁଣ ରହିଛି। ଏହା ପରିବେଶ ପାଇଁ ମଧ ଉପଯୋଗୀ। ଏହାର ଅନେକ ଲାଭ ରହିଛି।

କଦଳୀ ପତ୍ରରେ ଆଣ୍ଟି-ଅକ୍ସିଡାଣ୍ଟ ରହିଛି। ଏଥିରେ ଭିଟାମିନ୍ ସି ମଧ ରହିଛି। ଯାହା ଏକ ଶକ୍ତିଶାଳୀ ଆଣ୍ଟି- ଅକ୍ସିଡାଣ୍ଟ। ଏହା ଆମ ରୋଗ ପ୍ରତିରୋଧକ ଶକ୍ତିକୁ ମଜଭୂତ କରିଥାଏ। କଦଳୀ ପତ୍ରରେ ଖାଦ୍ୟ ଖାଇବା ଦ୍ୱାରା ଏଥିରେ ଥିବା ପ୍ରାକୃତିକ ଏନଜାଇମ୍ ଭୋଜନକୁ ହଜମ କରିବାରେ ସହାୟକ ହୋଇଥାଏ। ଏଥିରେ ଥିବା ଫାଇବର ପାଚନ ତନ୍ତ୍ରକୁ ମଜଭୂତ କରିବାରେ ସହାୟକ ହୋଇଥାଏ। କଦଳୀ ପତ୍ରରେ ଆଣ୍ଟି- ବ୍ୟାକ୍ଟେରିୟଲ ଗୁଣ ରହିଛି। ଯାହା ତ୍ୱଚାର ଅନେକ ସମସ୍ୟାକୁ ଦୂର କରିଥାଏ।କଦଳୀ ପତ୍ରରେ ଭିଟାମିନ୍ ଏ ରହିଛି। ଯାହା ଚକ୍ଷୁ ପାଇଁ ଖୁବ୍ ଉପକାରୀ। ପୂର୍ବ ସମୟରେ ଆୟୁର୍ବେଦ ଔଷଧ ତିଆରି କରିବା ପାଇଁ କଦଳୀ ପତ୍ରର ବ୍ୟବହାର କରାଯାଉଥିଲା। ଭାରତୀୟ ସଂସ୍କୃତିରେ କଦଳୀ ପତ୍ରକୁ ବିଭିନ୍ନ ସ୍ଥାନରେ ବ୍ୟବହାର କରାଯାଏ। ପୂଜା ପର୍ବ ଠାରୁ ଆରମ୍ଭ କରି ଘର ସାଜସଜ୍ଜା ପର୍ଯ୍ୟନ୍ତ କଦଳୀ ପତ୍ର ବ୍ୟବହାର କରାଯାଏ।

# କେନ୍ଦୁପତ୍ର ଶ୍ରମିକଙ୍କ ସବୁ ପ୍ରତିଶ୍ରୁତି ପୂରଣ ହେବ

**ଭୁବନେଶ୍ୱର,୨୫।୫ (ମହାଭାରତ):** ପୂର୍ବ ସରକାର କେବଳ ପ୍ରତିଶ୍ରୁତି ଦେଉଥିଲେ, ମାତ୍ର ଜନଆଶୀର୍ବାଦରେ ଓଡ଼ିଶାରେ ହୋଇଥିବା ଡବଲ ଇଞ୍ଜିନ ସରକାର କଥା ଦେଇ କଥା ରଖୁଥିବାର ସରକାର ବୋଲି ଶୁକ୍ରବାର "କେନ୍ଦୁପତ୍ର ଶ୍ରମିକଙ୍କର ସଶକ୍ତିକରଣ – ଅଧିକାର, ସୁଯୋଗ ଓ କଲ୍ୟାଣ" କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ସମ୍ବଲପୁରରେ ରାଜ୍ୟ ସରକାରଙ୍କ ଜଙ୍ଗଲ ଏବଂ ଶ୍ରମ ବିଭାଗର ମିଳିତ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି, ଗ୍ରାମ୍ୟ ଅର୍ଥନୀତିକୁ ସୁଦୃଢ଼ କରିବା ଦିଗରେ କେନ୍ଦୁପତ୍ର ଭାଇ ଭଉଣୀମାନଙ୍କର ବଡ଼ ଯୋଗଦାନ ରହିଛି। ସେମାନଙ୍କୁ ସଶକ୍ତ କରିବା ସହ ସ୍ଥାୟୀ ସମସ୍ୟାର ସମାଧାନ କରିବା ପାଇଁ ଆମ ଡବଲ ଇଞ୍ଜିନ ସରକାର ଯତ୍ନଶୀଳ। କେନ୍ଦୁପତ୍ର ଶ୍ରମିକଙ୍କର ସବୁ ପ୍ରତିଶ୍ରୁତି ପୂରଣ କରାଯିବ। ଏ ଦିଗରେ ଆଜିର କାର୍ଯ୍ୟକ୍ରମ ସ୍ୱାଗତଯୋଗ୍ୟ ପଦକ୍ଷେପ। ପୂର୍ବ ସରକାର ଲୋକମାନଙ୍କୁ କେବଳ ପ୍ରତିଶ୍ରୁତି ଦେଉଥିଲେ ମାତ୍ର ତାହାକୁ ପୂରଣ କରୁନଥିଲେ। ସୋହେଲାରେ ଧାନ ଉପରେ ୧୦୦ ଟଙ୍କା ଅତିରିକ୍ତ ବୋନସ ଦେବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହାକୁ ପୂରଣ କରିଥିଲେ।

ଆମ ସରକାର ସବକା ସାଥ୍- ସବକା ବିକାଶ, ସବକା ବିଶ୍ୱାସ ଓ ସବକା ପ୍ରୟାସରେ କାମ କରୁଥିବା ସରକାର। ଏବେ ଡବଲ ଇଞ୍ଜିନ ସରକାରରେ ଧାନର ଏମଏସପି କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ବୃଦ୍ଧି କରାଯାଇଛି। ସୁଭଦ୍ରା ଯୋଜନା ପ୍ରାୟ ଏକ କୋଟି ମାଆ ଭଉଣୀମାନଙ୍କୁ ସଶକ୍ତ କରିଛି। ରାଜ୍ୟର ପ୍ରାୟ ୮୦୦୦ କୋଟି ଟଙ୍କା ମୂଲ୍ୟର ୭ ଲକ୍ଷ ମେଟ୍ରିକ୍ ଟନ ଖରିଫ ଧାନ ସଂଗ୍ରହ ଏବଂ ହିତାଧିକାରୀଙ୍କୁ ଡିବିଟି ଜରିଆରେ ସିଧାସଳଖ ସହାୟତା ରାଶି ପ୍ରଦାନ ସହ ବିଭିନ୍ନ କଲ୍ୟାଣକାରୀ ଯୋଜନାର ଶୁଭାରମ୍ଭ ଡବଲ ଇଞ୍ଜିନ ସରକାରର କାମ କରିବାର ପ୍ରତିଫଳନ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ଶ୍ରମିକଙ୍କ ସାମାଜିକ ସୁରକ୍ଷା, ସେମାନଙ୍କ ସମ୍ମାନ ବଢାଇବା ସହ କଲ୍ୟାଣକାରୀ ଯୋଜନା କରିବା ପାଇଁ କଟିବଦ୍ଧ । ସମ୍ବଲପୁରରେ ପ୍ରାୟ ୨ ଲକ୍ଷରୁ ୨.୫ ଲକ୍ଷ ପରିବାର ବସବାସ କରନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସମସ୍ତଙ୍କର କଲ୍ୟାଣ ତଥା ଆୟ ବୃଦ୍ଧି କରାଇବା ଡବଲ ଇଞ୍ଜିନ ସରକାରର ଦାୟିତ୍ୱ ରହିଛି।

ଆମ ଡବଲ ଇଞ୍ଜିନ ସରକାରରେ ଆସନ୍ତା ୫ ବର୍ଷ ମଧ୍ୟରେ ପିଲାଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ବଢ଼ାଇବା ପାଇଁ ସରକାରୀ ବିଦ୍ୟାଳୟଗୁଡ଼ିକରେ ୫୦,୦୦୦ ଅଟଳ ଟିଙ୍କରିଂ ଲ୍ୟାବ୍ ପ୍ରତିଷ୍ଠା କରାଯିବାର ବ୍ୟବସ୍ଥା ହୋଇଛି। ସେହିପରି ରାଜ୍ୟରେ ୬୭୯୪ ଗ୍ରାମ ପଞ୍ଚାୟତରେ ଗୋଟିଏ ଗୋଟିଏ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନା କରିବା ପାଇଁ ଡବଲ ଇଞ୍ଜିନ ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ମଧ୍ୟାହ୍ନ ଭୋଜନ ସମ୍ପ୍ରସାରଣ ହୋଇଛି। ରାଜ୍ୟରେ ଡ୍ରପ ଆଉଟ୍ ହାର କମାଇବା ପାଇଁ ରାଜ୍ୟ ସରକାର 'ମାଧୋ ସିଂହ ହାତ ଖର୍ଚ୍ଚ' ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି, ଯାହା ପ୍ରଶଂସନୀୟ।

ଏହି ଅବସରରେ ଶ୍ରୀ ପ୍ରଧାନ କେନ୍ଦୁପତ୍ର ତୋଳାଳୀ ଏବଂ ନିର୍ମାଣ ଶ୍ରମିକ ହିତାଧିକାରୀମାନଙ୍କୁ ଶିକ୍ଷାବୃତ୍ତି, ମୃତ୍ୟୁକାଳୀନ, ଅନୁକମ୍ପାମୂଳକ ଏବଂ ଅନ୍ୟାନ୍ୟ ସହାୟତା ରାଶି ଆଦି ବିତରଣ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ଓ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ।




# ପଳାଶୁଣୀରେ ହେବ ବର୍ଜ୍ୟବସ୍ତୁ ପରିଚାଳନା ହବ

**ଭୁବନେଶ୍ୱର,୨୫।୫ (ମହାଭାରତ):** ପଳାଶୁଣିରେ ହେବ ବର୍ଜ୍ୟବସ୍ତୁ ପରିଚାଳନା ହବ। ନଡ଼ିଆ। କତାରୁ ଦଉଡି, ପା-ପୋଛା ଓ ମ୍ୟାଟ ତିଆରି କରିବ ବିଏମସି। ଗ୍ରୀନ ୱେଷ୍ଟରୁ ତିଆରି ହେବ ବାୟୋମାସ ବ୍ରିକେଟିଂ। ଫଳରେ ଗାଡ଼କଣରୁ କମିବ ଆବର୍ଜନା ବୋଝ। ପଳାଶୁଣୀରେ ତିଆରି ହେଲା ଇଣ୍ଟିଗ୍ରେଟେଡେ ରିସୋର୍ସ ରିକଭରି କ୍ୟାମ୍ପସ। ରାତି ପାହିଲେ ମନ୍ଦିର, ପଇଡ ଦୋକାନଠୁ ଆରମ୍ଭ କରି ଜୁସ ଦୋକାନରୁ ବାହାରୁଛି କୁଡ଼କୁଡ଼ ଆବର୍ଜନା। ଆବର୍ଜନାକୁ ଆଉ ଗୁଣ୍ଡ ନକରି ତିଆରି ହେବ ଦଉଡି ଲୋକଙ୍କ ବ୍ୟବହାର ଯୋଗ୍ୟ ସାମଗ୍ରୀ। ଏଥିପାଇଁ ପଳାଶୁଣିରେ ବିଏମସି ତିଆରି କରିଛି କୋକନାଟ୍ ୱେଷ୍ଟ ପ୍ରୋସେସିଙ୍ଗ ୟୁନିଟ। ପ୍ରତିଦିନ ୧୦ ହଜାର ନିଡ଼ଆ। ଆବର୍ଜନାକୁ ପ୍ରୋସେସ କରିବା ଯୋଜନା ହୋଇଛି। କତାରେ ଫାଇବର ରହୁଥିବାରୁ ମାଟିରେ ମିଶୁନାହିଁ । ଏଣିକି ପ୍ରକ୍ରିୟାକରଣ କରାଯାଇ ବିଏମ୍‌ସି ଲୋକଙ୍କ ପାଇଁ ବିପଣନ ସୁବିଧା କରିବ।

ପଳାଶୁଣୀର ଆଉ ଗୋଟିଏ ସେଡ୍ରେ ବସିଛି ବାୟୋମାସ ବ୍ରିକେଟିଙ୍ଗ ପ୍ଲାଣ୍ଟ। ଗଛଡାଳ, ପତ୍ର ଓ ଗଣ୍ଡିରୁ ତିଆର ହେବ ବାୟୋମାସ ବ୍ରିକେଟସ୍‌ୟ ଏଥିପାଇଁ ବସିଛି ପ୍ରକ୍ରିୟାକରଣ ପ୍ଲାଣ୍ଟ । ରାଜଧାନୀ ଭୁବନେଶ୍ୱର ଗ୍ରୀନ ସିଟି ହୋଇଥିବାରୁ ପ୍ରତିଦିନ ୩୦ଟନ ୱେଷ୍ଟ ଏଠାକୁ ଆସିବ ବୋଲି ଆକଳନ କରିଛି ବଏମସି। ବାୟୋମାସ ବ୍ରିକେଟସ୍ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ପାଇଁ ଜାଳେଣୀ ଭାବେ ବ୍ୟବହାର କରାଯିବ। ସେହିଭଳି ପ୍ଲାଷ୍ଟିକରୁ ପେଭର ବ୍ଲକ ତିଆରି କରିବାକୁ ଯୋଜନା ରଖିଛି ମହାନଗର ନିଗମ। ଗାଡ଼କଣ ଡମ୍ପିଂୟାର୍ଡ ବିବାଦକୁ ନେଇ ସୈନିକ ସ୍କୁଲ ବଞ୍ଚାଓ ଅଭିଯାନ ଓ ସ୍ଥାନୀୟ ଲୋକେ ରାସ୍ତାକୁ ଓହ୍ଲାଇ ଥିଲେ। ପଳାଶୁଣୀର ପ୍ରୋସେସିଙ୍ଗ ୟୁନିଟ ଓ ମେହେର ପଲ୍ଲୀରେ ଓଦା ଓଳିଆ। ଟ୍ରିଟମେଣ୍ଟ ପ୍ଲାଣ୍ଟ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ଗାଡ଼କଣରୁ ଦୂର ହେବ ଦୁର୍ଗନ୍ଧ ସହିତ ଅଳିଆ। ଆବର୍ଜନା ସମସ୍ୟା।

# ଇସ୍ରୋ ଭ୍ରମଣରେ ଟାଟାଷ୍ଟିଲ ୟାଟ୍ସ ବିଜେତା



**ଭୁବନେଶ୍ୱର,୨୫।୫ (ମହାଭାରତ):** ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପରିଭ୍ରମଣରେ ଗଲେ ୟାଟ୍ସ (ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ)ର କୃତି ଛାତ୍ରଛାତ୍ରୀ। ଟାଟା ଷ୍ଟିଲ ଓ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ଅଧୀନରେ ଭୁବନେଶ୍ୱରସ୍ଥିତ ପଠାଣୀ ସାମନ୍ତ ପ୍ଲାନେଟାରିୟମର ସହଯୋଗିତାରେ ଆୟୋଜିତ ଆୟୋଜିତ ୟାଟ୍ସ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ବେଙ୍ଗାଲୁରୁ ସ୍ଥିତ ଇସ୍ରୋର ଟେଲିମେଟ୍ରି ଟ୍ରାକିଂ ଏବଂ କମାଣ୍ଡ ନେଟୱାର୍କ (ଆଇଏସ୍ଟିଆର୍‌ଏସି) ଏବଂ ୟୁ ଆର ରାଓ ସାଟେଲାଇଟ୍ ସେଂଟର (ୟୁଆର୍‌ଏସସି)କୁ ଶିକ୍ଷାମୂଳକ ଭ୍ରମଣରେ ପଠାଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ୟାଟ୍ସର ୧୮ତମ ସଂସ୍କରଣର ଶୀର୍ଷ ୩୦ ବିଜୟୀ ଛାତ୍ରଛାତ୍ରୀଙ୍କୁ ପରିଭ୍ରମଣ ପାଇଁ ପଠାଯାଇଛିୟ ଏହି ଯାତ୍ରା ମେ' ୨୪ ରୁ ୨୮ ତାରିଖ ପର୍ଯ୍ୟନ୍ତ ହେବ।

ଏହି ପରିପ୍ରେକ୍ଷୀରେ ଆୟୋଜିତ ସମାରୋହରେ ଓଡ଼ିଶା ସରକାରଙ୍କ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଭାଗର ପ୍ରମୁଖ ସଚିବ ଏବଂ ପଠାଣି ସାମନ୍ତ ପ୍ଲାନେଟାରିୟମର ଅଧକ୍ଷା ଚିତ୍ରା ଆରୁମୁଗମ, ଆଇଏଏସ୍ ଏହି ଭ୍ରମଣକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପଠାଣି ସାମନ୍ତ ପ୍ଲାନେଟାରିୟମ୍ର ନିର୍ଦ୍ଦେଶକ ଓ ଓଡ଼ିଶା ସରକାରଙ୍କ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଭାଗ ଉପ ସଚିବ ଉର୍ମିପ୍ରଭା ମହାରଣା ଏବଂ ଟାଟା ଷ୍ଟିଲ୍ର କର୍ପୋରେଟ୍ କମ୍ୟୁନିକେସନ୍ସ ଚିଫ୍ ସର୍ବେଶ କୁମାର ଉପସ୍ଥିତ ଥିଲେ।

ତେବେ ରାଜ୍ୟର ୭୧୦୦୦ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ବିଜୟୀ ହୋଇଥିବା ୩୦ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇ ଚିତ୍ରା ଆରୁମୁଗମ କହିଥିଲେ ଯେ, ଗତବର୍ଷ ତୁଳନାରେ ଚଳିତବର୍ଷ ଅଧିକ ପିଲା ପ୍ରତିଯୋଗୀତାରେ ବିଜୟୀ ହୋଇ ଇସ୍ରୋ ଯାଉଛନ୍ତି।

# ଶିଶୁ ସୁରକ୍ଷା ଓ ଆଇନ୍‌ଗତ ବ୍ୟବସ୍ଥା ଉପରେ କର୍ମଶାଳା

**ଭୁବନେଶ୍ୱର,୨୫।୫ (ମହାଭାରତ):** ପୋଲିସ୍ ସେବା ସଦନ ସମ୍ମିଳନୀ କକ୍ଷରେ ଶିଶୁ ସୁରକ୍ଷା ଏବଂ ଆଇନଗତ ବ୍ୟବସ୍ଥା ଉପରେ ପରାମର୍ଶ ତଥା ମତ ବିନିମୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର-କଟକ ପୋଲିସ କମିଶନରେଟ ଏବଂ ଚାଇଲ୍ଡ ଇନ ନୀଡ ଇନଷ୍ଟିଚ୍ୟୁଟ୍ (ସିନି)ର ମିଳିତ ସହଯୋଗରେ ଏବଂ ଟେରେଡ୍ସେ ହୋମସ, ଜର୍ମାନୀଙ୍କ ସହାୟତାରେ ଜି-ସେଫ ପ୍ରକଳ୍ପ ତରଫରୁ ଏହା ଆୟୋଜିତ ହୋଇଛି।

ଏହି କର୍ମଶାଳାରେ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲ୍ଲାର ବିଭିନ୍ନ ପୋଲିସ ଅଧିକାରୀମାନଙ୍କ ପାଇଁ ଶିଶୁ ସୁରକ୍ଷା ଅଧିକାର ଆଇନ, ପୋକ୍ସୋ ଆଇନ, ଜୁଭେନାଇଲ୍ ଜଷ୍ଟିସ ଆଇନ ଏବଂ ନାବାଳକ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଯାଇଛି।




କର୍ମଶାଳାରେ ଶିଶୁ ସଂବେଦନଶୀଳ ପୀଡ଼ିତ ବ୍ୟବସ୍ଥା, ଲିଙ୍ଗଭିତ୍ତିକ ବ୍ୟବହାର, ଶିଶୁ ସୁରକ୍ଷା ନିମିତ୍ତ ବିଭିନ୍ନ ଆଇନଗତ ଓ ପ୍ରାଶାସନିକ ପଦକ୍ଷେପ, ଶିଶୁ ଶୋଷଣ ଓ ଶିଶୁ ପୋଷଣ ବ୍ୟବସ୍ଥା, ଶାରୀରିକ ଉତ୍ପୀଡନ, ବାଲ୍ୟ ବିବାହ, ବାଳ ଅପରାଧୀ ନିରାକରଣ ଇତ୍ୟାଦି ଉପରେ ଆଲୋଚନା କରିବା ସହ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପରାମର୍ଶଦାତାମାନେ ସଚେତନ କରିଥିଲେ।

ଏହି ଅବସରରେ ପୋଲିସ କମିଶନର ଡ଼ଃ. ସିଂହ ଏହି କର୍ମଶାଳାର ଗୁରୁ ଉପରେ ଆଲୋକପାତ କରିବା ସହ ଶିଶୁ ଏବଂ ମହିଳା ସୁରକ୍ଷା ପ୍ରତି ଭୁବନେଶ୍ୱର-କଟକ ପୋଲିସ କମିଶନରେଟର ପ୍ରତିବଦ୍ଧତାକୁ ଦୋହରାଇଥିଲେ ଯ ଏଥିରେ ପୋଲିସ କମିଶନର ଡ଼ଃ. ସୁରେଶ ଦେବଦତ୍ତ ସିଂହ, ଅତିରିକ୍ତ ପୋଲିସ କମିଶନର ଶ୍ରୀ ନରସିଂହ ଭୋଳ, ଆଡିସନାଲ୍ ଡ଼ିସିପି, ଭୁବନେଶ୍ୱର ଅମୃତପାଲ କୌରଙ୍କ ଉପସ୍ଥିତ ଥିଲେ। ଏଥିରେ ପୋଲିସ ବିଭାଗ ତରଫରୁ ଭୁବନେଶ୍ୱର ଅନ୍ତର୍ଗତ ସମସ୍ତ ଥାନାର ଶିଶୁ ଓ ମହିଳା ସୁରକ୍ଷା ଅଧିକାରୀ, ମହିଳା ଥାନା ଆଇଆଇସି, ନନ୍ଦନକାନନ ଥାନା ଆଇଆଇସି, କମିଶନରେଟ ମୁଖ୍ୟାଳୟର ବିଭିନ ପୋଲିସ ଅଧିକାରୀମାନେ ଭାଗ ନେଇଥିବା ବେଳେ ଅନ୍ୟ ବିଭାଗରୁ ସୁମିତାରାଣୀ ଘୋଷ, ସଦସ୍ୟ, ଭୁବନେଶ୍‌ର ସିଡବ୍ଲୁସି, ଜୱାହର ତ୍ରିପାଠୀ, ସଦସ୍ୟ, ଅତିରିକ୍ତ କିଶୋର ନ୍ୟାୟ ପରିଷଦ, ଭୁବନେଶ୍‌ର, ତଥା ଅନୁରାଧା ମହାନ୍ତି, ପିକକ୍, ରାଜେନ୍ଦ୍ର ମେହେର, ବେଣୁଧର ସେନାପତି, ରୁଚିକା ସୋସିଆଲ ସର୍ଭିସେସ୍ ଭଳି ଏନଜିଓରୁ ପରାମର୍ଶଦାତାମାନେ ଅଂଶଗ୍ରହଣ କରିଥିଲେ। ସିନି ପକ୍ଷରୁ ଏହି କାର୍ଯ୍ୟକ୍ରମଟିକୁ ଶାଶ୍ୱତୀ ମହାପାତ୍ର, ଏସ୍ ପି ଏମ୍, ସିନି-ଓଡିଶା ଓ ସ୍ନେହପ୍ରଭା ମହାପାତ୍ର ପରିଚାଳନା କରିଥିଲାବେଳେ ପୋଲିସ କମିଶନରେଟ ତରଫରୁ ନୋଡାଲ ଅଫିସର ଭାବେ ସୁଚିସ୍ମିତା ଦାସ, ଏସିପି, ଆଇଟି ଓ ସୋସିଆଲ୍ ମିଡିଆ। ସେଲ୍ ସଂଯୋଜନା କରିଥିଲେ।

# ବ୍ୟକ୍ତି, ସମାଜ ଓ ଜାତିକୁ ପରିବର୍ତ୍ତନ କରିବାରେ ଶିକ୍ଷା ହେଉଛି ଶକ୍ତି

**ଭୁବନେଶ୍ୱର,୨୫।୫ (ମହାଭାରତ):** ବ୍ୟକ୍ତିର ବିକାଶ ସହିତ ସମାଜ ଓ ରାଷ୍ଟ୍ରର ବିକାଶ ସମନ୍ୱିତ ହୋଇ ଗତି କରେ। ବ୍ୟକ୍ତି, ସମାଜ ଏବଂ ସାମଗ୍ରିକ ଭାବରେ ଜାତିକୁ ପରିବର୍ତ୍ତନ କରିବାରେ ଶିକ୍ଷା ହେଉଛି ଶକ୍ତି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି। ଚଳିତ ମଇ ୨୪ ତାରିଖ ଦିନ ଭୁବନେଶ୍ୱରଠାରେ 'ଓ-ଟିଭି ଶିକ୍ଷା କନ୍‌କ୍ଲେଭ - ୨୦୨୫'କୁ ଉଦ୍‌ଘାଟନ କରି ରାଜ୍ୟପାଳ ଏହା କହିଛନ୍ତି। ଉଦ୍‌ଘାଟନୀ ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ବିଶ୍ୱ ବର୍ତ୍ତମାନ ଦ୍ରୁତ ପରିବର୍ତ୍ତନ ଦେଇ ଗତି କରୁଛି। ଏପରି ପରିବ??ିତ ପରିସ୍ଥିତିରେ ବିଗ୍ ଡାଟା, ମେସିନ ଲର୍ଣ୍ଣିଂ, କୃତ୍ରିମ ବୁଦ୍ଧିମତା, ରୋବଟିକ୍ ବିଜ୍ଞାନ ଇତ୍ୟାଦିର ଆବିର୍ଭାବ ସହିତ ବିଶ୍ୱର ବୁଝମଣାରେ ଏକ ବଡ଼ ପରିବର୍ତ୍ତନ ଆସିଛି। ବର୍ତ୍ତମାନ ବିଶ୍ୱ ସମ୍ମୁଖୀନ ହେଉଥିବା ବହୁବିଧ ସମସ୍ୟାର ସମାଧାନ ପାଇଁ ବିଶେଷଜ୍ଞତା ଆବଶ୍ୟକ। ଦ୍ରୁତ ପରିବର୍ତ୍ତନଶୀଳ ନିଯୁକ୍ତି ଏବଂ ଗ୍ଲୋବାଲ ଇକୋସିଷ୍ଟମ୍ ପାଇଁ ଯୁବ ପୀଢ଼ି ସୃଜନଶୀଳ, ବହୁବିଧ ଅନୁକୂଳଶୀଳ ଏବଂ ଉଦ୍ଭାବନଶୀଳ ହେବା ଅତ୍ୟନ୍ତ ଜରୁରୀ ହୋଇ ପଡ଼ିଛି। ନୂତନ ଶିକ୍ଷାନୀତି - ୨୦୨୦ ବିଶ୍ୱର ପରିବର୍ତ୍ତିତ ଆବଶ୍ୟକତା ପୂରଣ କରିବା ଦିଗରେ ଏକ ମାଇଲଖୁଂଟ ଭାବେ ଉଭା ହୋଇଛି। ଏହା ଯୁବପୀଢ଼ିଙ୍କ ନିଯୁକ୍ତି କ୍ଷମତା ବୃଦ୍ଧି କରିବା ଏବଂ ସେମାନଙ୍କୁ ଆବଶ୍ୟକତା ଅନୁଯାୟୀ ପ୍ରସ୍ତୁତ କରିବା ଲକ୍ଷରେ ପାରଂପରିକ ଶିକ୍ଷା ସହିତ ଦକ୍ଷତାର ସମନ୍ୱୟ ଉପରେ ଗୁରୁତ୍ୱ ଆରୋପ କରିଛି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିବା ସହିତ କନ୍‌କ୍ଲେଭରେ



ଉପସ୍ଥିତ ଶିକ୍ଷାବିତ୍, ନୀତି ନିର୍ଦ୍ଧାରକ, ବୃତ୍ତିଧାରୀମାନେ ପାଠ୍ୟକ୍ରମରେ ଦକ୍ଷତା ବିକାଶ ପାଠ୍ୟକ୍ରମ ଅନ୍ତର୍ଭୂକ୍ତ କରିବା ଏବଂ ଶିକ୍ଷାନୁଷ୍ଠାନ ଏବଂ ଦକ୍ଷତା ବିକାଶ ପ୍ରତିଷ୍ଠାନ ମଧ୍ୟରେ ଅଧିକ ସହଯୋଗ ଓ ସମନ୍ୱୟ ମଡେଲ ପ୍ରସ୍ତୁତ ଉପରେ କାର୍ଯ୍ୟ କାରିବାକୁ ଆହ୍ୱାନ ଜଣାଇଥିଲେ। କନ୍‌କ୍ଲେଭର ଆଲୋଚନା ଓ ନିଷ୍କର୍ଷ ୨୦୩୬ ସୁଦ୍ଧା ଏକ ବିକଶିତ ଓଡିଶା ପାଇଁ ମୂଲ୍ୟବାନ ଅର୍ନ୍ତଦୃଷ୍ଟି ପ୍ରଦାନ କରିବାରେ ସାହାଯ୍ୟ କରିବ ବୋଲି ରାଜ୍ୟପାଳ କହିଥିଲେ। ଏତଦ୍‌ବ୍ୟତୀତ ନୂତନ ଶିକ୍ଷାନୀତି- ୨୦୨୦ କେବଳ ଚାକିରି ଖୋଜୁଥିବା ବ୍ୟକ୍ତି ସୃଷ୍ଟି କରିବା ପାଇଁ ସୀମିତ ନୁହେଁ, ବରଂ ଏହା ଯୁବବର୍ଗଙ୍କୁ ଉଦ୍ୟୋଗୀ ହେବା ପାଇଁ ପ୍ରୋତ୍ସାହିତ କରିବ ବୋଲି ରାଜ୍ୟପାଳ କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ ଦେଶ ୨୦୪୭ ସୁଦ୍ଧା ବିକଶିତ ଭାରତରେ ପରିଗଣିତ ହେବାର ଲକ୍ଷ ରଖିଥିବା ବେଳେ ଉଦ୍ୟୋଗୀ ହେବାକୁ ଆକାଂକ୍ଷା ରଖୁଥିବା ଯୁବବର୍ଗର ଭୂମିକା ଏହାକୁ ବାସ୍ତବ ରୂପ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ। ଶ୍ରୀମତୀ ଜାଗୀ ମଙ୍ଗତ ପଣ୍ଡାଙ୍କ ନେତୃତ୍ୱରେ ଓ-ଟିଭି ଶିକ୍ଷା କନ୍‌କ୍ଲେଭ ଆୟୋଜନ କରିବାର ନିରନ୍ତର ପ୍ରୟାସ ପାଇଁ ଓଡ଼ିଶା ଟେଲିଭିଜନ ଗ୍ରୁପ୍‌କୁ ରାଜ୍ୟପାଳ ଅଭିନନ୍ଦନ ଜଣାଇବା ସହିତ ଏ ପ୍ରକାର ଆୟୋଜନ ଏହାର ସାମାଜିକ ପ୍ରତିବଦ୍ଧତାର ପ୍ରମାଣ ବୋଲି ରାଜ୍ୟପାଳ କହିଥିଲେ। ପ୍ରାରମ୍ଭରେ ଓଡିଶା ଟେଲିଭିଜନ ନେଟ୍‌ୱାର୍କ ଲିଃ.ର ଏମ୍.ଡି ଶ୍ରୀମତୀ ଜାଗୀ ମଙ୍ଗତ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ସମାଜ କଲ୍ୟାଣ ବୋର୍ଡ ପୁନର୍ଗଠନ ଯୋଜନା

**ଭୁବନେଶ୍ୱର,୨୫।୫ (ମହାଭାରତ):** ମହିଳା ଓ ଶିଶୁ ବିକାଶ ବିଭାଗର ସମ୍ମିଳନୀ କକ୍ଷରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଅଧକ୍ଷତାରେ ସମାଜ କଲ୍ୟାଣ ବୋର୍ଡର ଗଠନ ଓ କାର୍ଯ୍ୟପ୍ରଣାଳୀ ସମ୍ବନ୍ଧରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମାଜ କଲ୍ୟାଣ ବୋର୍ଡ ତୃଣମୂଳ ସ୍ତରରେ ରାଜ୍ୟସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମଗୁଡିକୁ ସଠିକ ଭାବରେ ପହଞ୍ଚାଇବା ଦିଗରେ କାର୍ଯ୍ୟ କରିବ ବୋଲି ଶ୍ରୀମତୀ ପରିଡା ମତ ପ୍ରକାଶ କରିଛନ୍ତି। ରାଜ୍ୟର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ସୁପ୍ରତିଷ୍ଠିତ ଅଣସରକାରୀ ସଂଗଠନକୁ ସମାଜ କଲ୍ୟାଣ ବୋର୍ଡ ଦ୍ୱାରା ତାଲିକାଭୁକ୍ତ କରାଯାଇ ସେମାନଙ୍କ ମାଧ୍ୟମରେ ଗାଁ ଗାଁ ରେ ଜନସଚେତନତା ସୃଷ୍ଟି କରାଯିବ ବୋଲି ସେ ଦୃଢ ମତ ରଖିଛନ୍ତି।

# କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ

**ଭୁବନେଶ୍ୱର,୨୫।୫ (ମହାଭାରତ):** କୋଟିଆ। ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ। କୋଟିଆବାସୀଙ୍କ ସହ ଆମର ଭାବାବେଗ ଜଡ଼ିତ ବୋଲି ଆଜି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କୋଟିଆ। ଗ୍ରାମସମୂହର ସ୍ଥାୟୀ ସମାଧାନ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଗଠନ ହୋଇଥିବା କମିଟିକୁ ସ୍ୱାଗତ କରିବା ଅବସରରେ କହିଛନ୍ତି ।

ଶ୍ରୀ ପ୍ରଧାନ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ କୋରାପୁଟ ଜିଲ୍ଲା କୋଟିଆ। ଗ୍ରାମସମୂହର ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ କରିବା ତଥା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନାର ସୁବିଧା କୋଟିଆର ଜନସାଧାରଣଙ୍କ ପହଞ୍ଚାଇବା ପାଇଁ ଓଡ଼ିଶା ସରକାର ରାଜସ୍ୱ ମନ୍ତ୍ରୀଙ୍କ ଅଧକ୍ଷତାରେ ଏକ ୧୬ ଜଣିଆ। କମିଟି ଗଠନ କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇବା ସହ କହିଛନ୍ତି, ଓଡ଼ିଶାର ସୀମାକୁ ଭୌଗୋଳିକ ଓ ସାଂସ୍କୃତିକ ରୂପେ ସୁରକ୍ଷିତ ରଖିବାର ସଂକଳ୍ପନା ନେଇ ମୁଁ ପୂର୍ବରୁ କୋଟିଆ। ଗସ୍ତରେ ଯାଇଥିଲି। କୋଟିଆର ସ୍ଥାୟୀ ସମାଧାନ ପାଇଁ ଅନେକ ଥର ଆନ୍ଧ୍ର ପ୍ରଦେଶ ଏବଂ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ପାଇଁ ଅନୁରୋଧ କରିଛି। ଅନୁରୋଧ ଓ ଦାବି ସତ୍ତ୍ୱେ ପୂର୍ବ ସରକାର ଏହି ବିଷୟରେ କର୍ଣ୍ଣପାତ କରିନଥିଲେ। ରାଜ୍ୟ ସରକାର ନେଇଥିବା ଏହି ପଦକ୍ଷେପ ଦ୍ୱାରା ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଡବଲ ଇଞ୍ଜିନ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାର ଲାଭ ପାଇବେ ଯ ଆମ ଓଡ଼ିଆ। ଭାଷା, ସଂସ୍କୃତି, ଅସ୍ମିତା, ସାହିତ୍ୟ, ପରମ୍ପରା ଓ ପର୍ବପର୍ବାଣୀର ପ୍ରଚାର ପ୍ରସାର ହେବ। ରାଜ୍ୟର ଭୌଗୋଳିକ ସୀମା ସୁରକ୍ଷିତ ରହିବ।

# ଇ-ୱେଂଟ ପକ୍ଷରୁ ୧୧ତମ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା

**ଭୁବନେଶ୍ୱର,୨୫।୫ (ମହାଭାରତ):** ସାରୋଗୀ ଗ୍ରୁପର ଇଲେକ୍ଟ୍ରିକ୍ ଦୁଇଚକିଆ ଓଇଏମ, ଇ-ୱେଂଟ ୧୧ତମ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ୨୦୨୫ରେ ଅଂଶଗ୍ରହଣ କରିଛି। ଏହି କାର୍ଯ୍ୟକ୍ରମରେ, ଇ-ୱେଂଟ ହଜାର ହଜାର ପରିଦର୍ଶକ, କ୍ରେତା ଏବଂ ଓଡ଼ିଶା ରାଜ୍ୟ ସହର ଏବଂ ଆବାସିକ ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ପରି ଗୁରୁତ୍ୱପୂର୍ଣ୍ଣ ଅତିଥିମାନଙ୍କ ସମ୍ମୁଖରେ ନିଜର ପ୍ରମୁଖ ଇଲେକ୍ଟ୍ରିକ୍ ସ୍କୁଟର ମଡେଲଗୁଡ଼ିକୁ ପ୍ରଦର୍ଶିତ କରିଛି। ବାଣିଜ୍ୟ ମେଳା ସ୍ୱଚ୍ଛ ଏବଂ ସବୁଜ ଗତିଶୀଳତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲା। ଏହା ଇ-ୱେଂଟ ପାଇଁ ଏହାର ଇଲେକ୍ଟ୍ରିକ୍ ସ୍କୁଟର ପ୍ରଦର୍ଶନ କରିବା ପାଇଁ ଏକ ଉପଯୁକ୍ତ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲା। କମ୍ପାନୀ ଏହାର ଚାରୋଟି ପ୍ରମୁଖ ମଡେଲ ଲାଇଟିନିଂ, ରାବିଟର, ମାରିୟମ୍ ଏବଂ ଜେଭି ଉପସ୍ଥାପନ କରିଥିଲା। ସେଥିମଧ୍ୟରୁ ଲାଇଟିନିଂ ଏହାର ଉତ୍କୃଷ୍ଟ ବୈଶିଷ୍ଟ୍ୟ ଏବଂ ସ୍ମାର୍ଟ ଡିଜାଇନ୍ ଯୋଗୁ ମୁଖ୍ୟ ଆକର୍ଷଣ ପାଲଟିଛି। ଘଂଟା ପ୍ରତି ସର୍ବାଧିକ ୭୦ କିମି ଏବଂ ମାତ୍ର ୩.୮ ସେକେଣ୍ଡରେ ଘଂଟା ପ୍ରତି ୦-୪୦ କିମି ଦ୍ରୁତ ଗତି ସହିତ, ଲାଇଟିନିଂ ଟ୍ରାଫିକରେ ନିଜର ଯୋଗ୍ୟତା ପ୍ରମାଣିତ କରିଥିଲା। ଏହାର ବିଏଲଡିସି ହବ୍ ମୋଟର ୩୭୦୦ୱାଟର ସର୍ବାଧିକ ଆଉଟପୁଟ୍ ପ୍ରଦାନ କରେ, ଯାହା ସ୍କୁଟରକୁ ୨୫ଡିଗ୍ରୀ ପର୍ଯ୍ୟନ୍ତ ସ୍ଲୋପ୍ ଚଢ଼ିବା ପାଇଁ ଯଥେଷ୍ଟ ଟର୍କ ଦେଇଥାଏ, ଯାହା ପାହାଡ଼ି ସହରାଂଚଳ ଭୂଦୃଶ୍ୟ ପାଇଁ ଏକ ପ୍ରମୁଖ ବୈଶିଷ୍ଟ୍ୟ। ଲାଇଟିନିଂକୁ ଶକ୍ତି ପ୍ରଦାନ କରିବା ପାଇଁ ଡୁଆଲ୍ ରିମୁଭେବଲ୍ ଲିଥିୟମ୍-ଆୟନ୍ ବ୍ୟାଟେରୀ (୩.୪ୱାଟଆୱାର) ଧୂଳି ଏବଂ ପାଣି ରୋଧକାରୀ ଆଇପି୬୭-ପ୍ରମାଣିତ ସୁରକ୍ଷା ଏବଂ ସୁବିଧା ସହିତ ଯେକୌଣସି ସ୍ଥାନରେ ଚାର୍ଜ କରିବାର ବିକଳ୍ପ ସହିତ ଏହା ଉପଲବ୍ଧ। ଇ-ୱେଂଟ ସ୍କୁଟରରେ ଏକ ସ୍ମାର୍ଟ ବ୍ୟାଟେରୀ ପରିଚାଳନା ପ୍ରଣାଳୀ ଏବଂ ଏକ ପୋର୍ଟେବଲ୍ ଚାର୍ଜର୍ ଅନ୍ତର୍ଭୁକ୍ତ କରିଛି। ଯାହା ୪ ରୁ ୪.୫ ଘଂଟା ମଧ୍ୟରେ ବ୍ୟାଟେରୀଗୁଡ଼ିକୁ ପୁନଃଇନ୍ଧନ କରିଥାଏ। ଆରୋହୀମାନେ ପ୍ରତି ଚାର୍ଜରେ ୧୩୦ କିମି ପରିସର ଆଶା କରିପାରିବେ, ଯାହା ଏହାକୁ ଅଧିକାଂଶ ଦୈନନ୍ଦିନ ଯାତାୟାତ ପାଇଁ ଉପଯୁକ୍ତ କରିଛି। ଚେସିସ୍ ପାର୍ଶ୍ୱରେ, ଲାଇଟିନିଂ ଟେଲିସ୍କୋପିକ୍ ସମ୍ମୁଖ ସସପେନସନ୍ ଏବଂ ହାଇଡ୍ରୋଲିକ୍ ରିଅର୍ ସକ୍, ସମ୍ମୁଖ ଏବଂ ରିଅର୍ ଡିସ୍କ ବ୍ରେକ୍ ଏବଂ ଏକ ଦୃଢ଼ ଟ୍ୟୁବର୍ ଫ୍ରେମ୍ ଉପରେ ଟ୍ୟୁବଲେସ୍ ଟାୟାର ଏଥିରେ ରହିଛି।

# ଓଡ଼ିଶା ଓ ଦକ୍ଷିଣ-ପୂର୍ବ ଏସିଆର ସାଂସ୍କୃତିକ ସଂଯୋଗକୁ ନେଇ ସମ୍ମିଳନୀ

**ଭୁବନେଶ୍ୱର,୨୫।୫ (ମହାଭାରତ):** ଓଡ଼ିଶା ସରକାରଙ୍କ ଓଡ଼ିଆ। ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଇନଷ୍ଟିଚ୍ୟୁଟ୍ ଅଫ୍ ମିଡ଼ିଆ। ଷ୍ଟଡ଼ିଜ, ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଭାରତ ସରକାରଙ୍କ ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱର ଠାରେ ଓଡ଼ିଶା ଏବଂ ଦକ୍ଷିଣ-ପୂର୍ବ ଏସିଆର ରାଷ୍ଟ୍ରମାନଙ୍କ ମଧ୍ୟରେ ରହିଥିବା ସାମାଜିକ, ସାହିତ୍ୟିକ, ସାଂସ୍କୃତିକ ଓ ସଭ୍ୟତାଗତ ସାମଞ୍ଜସ୍ୟକୁ ନେଇ ଦୁଇ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଆଜିଠାରୁ ଆରମ୍ଭ ହୋଇଛି। ଆସନ୍ତା ୨୫ ତାରିଖ ଦିନ ଏହା ଶେଷ ହେବ। କଳିଙ୍ଗ ଓ ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ରର ସଭ୍ୟତାଗତ ସଂଯୋଗ ଶୀର୍ଷକ ଉପରେ ଏହି ସମ୍ମିଳନୀ ଆୟୋଜିତ ହୋଇଛି। ଏହି ଅନ୍ତର୍ଜାତୀୟ ସମ୍ମିଳନୀରେ ଓଡ଼ିଶା, ଭାରତ ଏବଂ ଦକ୍ଷିଣ-ପୂର୍ବ ଏସିଆର ବିଭିନ୍ନ ରାଷ୍ଟ୍ରମାନଙ୍କର ଶିକ୍ଷାବିତ୍, ଗବେଷକ, ସାହିତ୍ୟିକ, ସଂସ୍କୃତି ଗବେଷକ ପ୍ରମୁଖ ଯୋଗଦେଇଛନ୍ତି। ଓଡ଼ିଶାର ସମୃଦ୍ଧ ନୌବାଣିଜ୍ୟ ପରମ୍ପରା ସମ୍ବନ୍ଧରେ ବିଭିନ୍ନ ବର୍ଗର ଜନସାଧାରଣ ଓ ବିଶେଷ ଭାବରେ ଯୁବପିଢ଼ିଙ୍କୁ ଅବଗତ କରାଇବା ନିମନ୍ତେ ସମ୍ମିଳନୀରେ ସ୍ୱତନ୍ତ୍ର ଅଧିବେଶନର ଆୟୋଜନ ମଧ୍ୟ କରାଯାଇଛି। ପ୍ରାଚୀନ କାଳରେ ଓଡ଼ିଆ। ସାଧବପୁଅମାନେ ବାଣିଜ୍ୟ କରିବାକୁ ଜାଭା, ସୁମାତ୍ରା, ଇଣ୍ଡୋନେସିଆ। ଆଦି ସ୍ଥାନକୁ ଯାଉଥିଲେ ଏବଂ ଏହି ସମୃଦ୍ଧ ନୌବାଣିଜ୍ୟ ପରମ୍ପରା ଓ ସାଂସ୍କୃତିକ ଭାବ ବିନିମୟର ଉଦାହରଣ ଆଜି ମଧ୍ୟ ଉଭୟ ଓଡ଼ିଶା ଏବଂ ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ରମାନଙ୍କ ମଧ୍ୟରେ ପରିଲକ୍ଷିତ ହେଉଛି। ଓଡ଼ିଶାର ପଶୁମୁଖା ନୃତ୍ୟ ଓ ବାଲିର ବାରୋଙ୍ଗ ନୃତ୍ୟ, ମୟୁରଭଞ୍ଜ ଜିଲ୍ଲାର ଛଉ ଓ ଇଣ୍ଡୋନେସିଆର ଗାବା-ଗାବା ନୃତ୍ୟ, ଓଡ଼ିଶାର ଧାରୁଆ। ଜନଜାତିର ର୍ବିଲି ନୃତ୍ୟ ଏବଂ ଇଣ୍ଡୋନେସିଆର ଆଦିବାସୀ ନୃତ୍ୟ ଆଦି ଓଡ଼ିଶା ଏବଂ ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ର ମଧ୍ୟରେ ରହିଥିବା ସାଂସ୍କୃତିକ ବିନିମୟର ପରିଚୟ ପ୍ରଦାନ କରୁଛି।



# ଚୀନର ମତିଗତି

ବାଂଲାଦେଶର ଜନ୍ମଦାତା ହେଉଛି ଭାରତ । କିନ୍ତୁ ଏବେ ବାଂଲାଦେଶ କୃତଘ୍ନ ସାଜିଛି । କିଛି ମୌଳବାଦୀ ଏବେ ବାଂଲାଦେଶରେ ବେଶ ସକ୍ରିୟ ହୋଇଉଠିଛନ୍ତି । ସେମାନେ ଭାରତକୁ ଶତ୍ରୁ ଦୃଷ୍ଟିରେ ଦେଖୁଛନ୍ତି । କିନ୍ତୁ ଭାରତ କେବେ ବାଂଲାଦେଶ ବିରୋଧରେ କୌଣସି କାର୍ଯ୍ୟ କରିନାହିଁ । ବରଂ ବାଂଲାଦେଶକୁ ସବୁ ବେଳେ ଆର୍ଥିକ ସହାୟତା ପ୍ରଦାନ କରି ଆସିଛି । ଭାରତରୁ ଅଧିକାଂଶ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ବାଂଲାଦେଶକୁ ରପ୍ତାନୀ ହୋଇଥାଏ । ଏପରିକି ଗହମ ଓ ପିଆଜ ରପ୍ତାନୀ ଉପରେ କଟକଣା ଲାଗିଥିବା ବେଳେ ମଧ୍ୟ ଭାରତ ବାଂଲାଦେଶ ପ୍ରତି ସ୍ୱତନ୍ତ୍ର ଦୃଷ୍ଟିରୁ ବିଚାର କରି ଏହାର ଯୋଗାଣ ଅବ୍ୟାହତ ରଖି ଆସିଛି । କିନ୍ତୁ କିଛି ଲୋକଙ୍କ ମୌଳବାଦୀ ଚିନ୍ତାଧାରା ଯୋଗୁ ବାଂଲାଦେଶ ଆଜି ଭାରତର ଶତ୍ରୁ ପାଲଟିଛି । ହାସିନାଙ୍କୁ ଭାରତ ଆଶ୍ରୟ ଦେବା ମଧ୍ୟ ବାଂଲାଦେଶ ସରକାରଙ୍କ ଦେହରେ ଯାଉନି । ହାସିନାଙ୍କ ପ୍ରତ୍ୟର୍ପଣ ଲାଗି ବାଂଲାଦେଶର ଅନୁରୋଧକୁ ଭାରତ ବିଚାର ହିଁ କରିନାହିଁ । ଏବେ ବାଂଲାଦେଶର ଅନ୍ତରୀଣ ସରକାର ମୁଖ୍ୟ କୁହାଯାଉଥିବା ମହମ୍ମଦ୍ ୟୁନୁସ ଭାରତ ବିରୋଧୀ ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ମୂଳରୁ ସେ ପ୍ରତି କ୍ଷେତ୍ରରେ ଭାରତକୁ ବିରୋଧ ଏବଂ ସମାଲୋଚନା କରି ଆସୁଛନ୍ତି । ଭାରତ ବିରୋଧରେ ସେ ଚୀନ ସହ ହାତ ମିଳାଇଛନ୍ତି । ନିକଟରେ ଚୀନ ଗସ୍ତରେ ଯାଇଥିବା ୟୁନୁସ ଭାରତ ବିରୋଧରେ ଚୀନକୁ ଉସୁକାଇଛନ୍ତି । ବାଂଲାଦେଶ ସୀମାକୁ ଲାଗିଥିବା ଉତ୍ତର-ପୂର୍ବାଞ୍ଚଳର ୭ଟି ରାଜ୍ୟ ସୀମାବର୍ତ୍ତୀ ଅଞ୍ଚଳରେ ନିଜ ବାଣିଜ୍ୟ ବା ଅର୍ଥନୈତିକ କରିଡର ପ୍ରତିଷ୍ଠା ପାଇଁ ଚୀନକୁ ଉସୁକାଇଛନ୍ତି ୟୁନୁସ । ଭାରତୀୟ ଜଳସୀମାରେ ପ୍ରବେଶ କରିବାକୁ ସେ ଚୀନକୁ ପ୍ରସ୍ତାବ ଦେଇଛନ୍ତି । ଏହାକୁ ସେ ବାଂଲାଦେଶର ଅଞ୍ଚଳ ବୋଲି ଦାବି କରିଛନ୍ତି । ଏଥିରେ ବାଂଲାଦେଶର କିଛି ସ୍ୱାର୍ଥ ନାହିଁ । କେବଳ ଭାରତକୁ ବିପଦରେ ପକାଇବା ଏବଂ ଏହାକୁ ସାମରିକ ତଥା ଅର୍ଥନୈତିକ ଦୃଷ୍ଟିରୁ ଚାଲେଞ୍ଜ କରିବା ହେଉଛି ଏହାର ଉଦ୍ଦେଶ୍ୟ । ଭାରତ ସହ ବାଂଲାଦେଶ କୌଣସି ଦୃଷ୍ଟିରୁ ସମକକ୍ଷ ନୁହେଁ । ଭାରତର ଆର୍ଥିକ ଏବଂ ସାମରିକ ଶକ୍ତି ବାଂଲାଦେଶଠାରୁ ବହୁ ଆଗରେ । ୟୁନୁସ ଏହା ଭଲଭାବେ ଜାଣିଛନ୍ତି ଏବଂ ସେଥିପାଇଁ ସେ ଭାରତ ସହ ସିଧାସଳଖ ମୁକାବିଲା ନକରି ଚୀନକୁ ଏଥିଲାଗି ଉସୁକାଇଛନ୍ତି । କିନ୍ତୁ ଚୀନ ରାଷ୍ଟ୍ରପତି ଜିନ ପିଙ୍ଗ ଜଣେ ଚତୁର ଏବଂ ପରିପକ୍ୱ ବ୍ୟକ୍ତି । ସେ ଭାରତ ସହ ବିବାଦକୁ କେବେ ପସନ୍ଦ କରିବେ ନାହିଁ । ଭାରତର ସୀମା ଉପରେ ଚୀନର ଲୋଲୁପ ଦୃଷ୍ଟି ରହିଛି ସତ୍ୟ, କିନ୍ତୁ ଭାରତ ସହ ଶତ୍ରୁତା କରି ଜିନ ପିଙ୍ଗ ନିଜର ଶକ୍ତି କ୍ଷୟ କରିବାକୁ ଚାହାଁନ୍ତି ନାହିଁ । ଭାରତ ତୁଳନାରେ ଚୀନ ଏକ ଶକ୍ତିଶାଳି ରାଷ୍ଟ୍ର । କିନ୍ତୁ ଭାରତ ହେଉଛି ଚୀନର ଏକ ବଡ଼ ବାଣିଜ୍ୟିକ ସହଯୋଗୀ ରାଷ୍ଟ୍ର । ଭାରତ ବିପୁଳ ପରିମାଣର ସାମଗ୍ରୀ ଚୀନଠାରୁ ଆମଦାନୀ କରିଥାଏ । ତା ଛଡ଼ା ଭାରତ ସହ ଯୁଦ୍ଧ ଲାଗିଲେ ଚୀନର ମଧ୍ୟ ବିପୁଳ କ୍ଷତି ହୋଇପାରେ । ଜିନ ପିଙ୍ଗ ଏହି ବାସ୍ତବତାକୁ ଭଲଭାବେ ଜାଣନ୍ତି । ତେବେ ୟୁନୁସ ଚୀନକୁ ଯେଉଁ ପ୍ରସ୍ତାବ ଦେଇଛନ୍ତି ତାହା ବାଂଲାଦେଶର କ୍ଷତି ସାଧନ କରିବ । ଚୀନର ଚରିତ୍ର ହେଲା ଛୋଟ ଛୋଟ ଦେଶକୁ ଋଣଜାଲରେ ପକାଇ ଏହାକୁ ନିଜ କବଜାରେ ରଖିବା ଏବଂ ଏହାର ପ୍ରାକୃତିକ ସମ୍ପଦକୁ ଲୁଟ କରିବା । ବହୁ ବର୍ଷ ତଳୁ ଚୀନ ବାଂଲାଦେଶକୁ କବଜାକରିବା ନିମନ୍ତେ ପ୍ରୟାସ କରି ଆସୁଛି । ହାସିନାଙ୍କ ସମୟରେ ଚୀନ ଏଥିଲାଗି ଯୋଜନା ପ୍ରସ୍ତୁତ କରିଥିଲା । କିନ୍ତୁ ହାସିନା ଚୀନର ମତିଗତି ବୁଝିପାରି ଏହାକୁ ପ୍ରଶ୍ରୟ ଦେଇନଥିଲେ । ବାଂଲାଦେଶର ବନ୍ଦରକୁ ଅକ୍ତିଆର କରି ଚୀନ ଏହାର ଜଳସୀମାକୁ ଅକ୍ତିଆର କରିବା ଲକ୍ଷ୍ୟ ରଖିଥିଲେ । ବାଂଲାଦେଶକୁ ଋଣ ଯନ୍ତାରେ ପକାଇବା ନିମନ୍ତେ ସେ ବରାବର ଉଦ୍ୟମ କରିଥିଲେ ।

# ମାନବ କୈନ୍ଦ୍ରିକ ଜଗତୀକରଣ ଜରୁରୀ

“

*ଦକ୍ଷତା ବିକାଶ ଜରୁରୀ । ଶିକ୍ଷାକ୍ଷେତ୍ରରେ ବିକାଶ ପାଇଁ ଦକ୍ଷତା ବିକାଶ ବା କାପାସିଟି ବିଲ୍ଡିଂ ଜରୁରୀ ବୋଲି ଭଏସ ଅଫ ଗ୍ଲୋବାଲ ସମିଟରେ ବାହାମସର ଶିକ୍ଷାମନ୍ତ୍ରୀ ଗ୍ଲେନିସ୍ ହାନୀ ମାର୍ଟିନ କହିଛନ୍ତି । ସେଠାରେ ସ୍କିଲିଂ ଏବଂ ଶିକ୍ଷାର ବିକାଶକୁ ଗୁରୁତ୍ୱ ଦିଆଯାଉଛି । ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ସମସ୍ୟାର ସମାଧାନ ଏବଂ ସେମାନଙ୍କ ନୈତିକ ଶିକ୍ଷା ବଢ଼ାଇବା ଉପରେ ସର୍ଭେ ମଧ୍ୟ କରାଯାଇଛି । ଟେକ୍ନିକାଲ ଏବଂ ଭୋକେସନାଲ ଟ୍ରେନିଂ ହବ ବନାଇବା ପାଇଁ ଶ୍ରମିକ ବିଭାଗ ସହ ମିଳିତ ଭାଗିଦାରୀରେ ସେମାନେ କାର୍ଯ୍ୟ ଜାରି ରଖିଛନ୍ତି ।*

॥ ବାଦଲ ଭୂୟାଁ ॥

ଗ୍ଲୋବାଲ ସାଉଥ ମେଧାବୃତ୍ତି ଆରମ୍ଭ କରିବ ଭାରତ : ସମଗ୍ର ବିଶ୍ୱରେ ଶିକ୍ଷା କ୍ଷେତ୍ରରେ ଭାରତ ଏକ ଆଦର୍ଶଣୀୟ ରାଷ୍ଟ୍ର ଭାବେ ଆଜି ନିଜ ଶ୍ରେଷ୍ଠତା ପ୍ରତିପାଦନ କରିଛି । ଗତ ତିନି ବର୍ଷ ଭାରତ ଭଳି ବିକାଶଶୀଳ ଦେଶଗୁଡ଼ିକ ପାଇଁ ବେଶ ଆହ୍ୱାନପୂର୍ଣ୍ଣ ଥିଲା । କିନ୍ତୁ ନୂଆବର୍ଷ ନୂଆ ଆଶା ନେଇ ଆସିଛି । ଆମେ ସର୍ବେଦା ଗ୍ଲୋବାଲାଇଜେଶନକୁ ସମର୍ଥନ କରୁ । ଭାରତ ସର୍ବଦା ବିଶ୍ୱକୁ ଏକ ପରିବାର ରୂପରେ ଦେଖିଥାଏ । ଆମେ ଏପରି ଏକ ଜଗତୀକରଣ ଚାହୁଁ ଯେଉଁଠି ଜଳବାୟୁ କିମ୍ବା ଋଣ ସଙ୍କଟ ସୃଷ୍ଟି ହେଉ ନଥିବ, ଯାହା ମାନବକୈନ୍ଦ୍ରିକ ହୋଇଥିବ । ଯେଉଁଠି ଟିକାକରଣରେ ଅସମାନତା ନଥିବ ଏବଂ ଯେଉଁଠି ମାନବିକତା ଏବଂ ସମୃଦ୍ଧିର ସ୍ଥାନ ଥିବ ବୋଲି ଭଏସ ଅଫ ଗ୍ଲୋବାଲ ସାଉଥ ସମ୍ମିଳନୀର ଉଦଘାଟନୀ ସମାରୋହରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ।

ସୂଚନାଥାଉକି ଦୁଇଦିନ ଧରି ଚାଲିଥିବା ଏହି ସମ୍ମିଳନୀରେ ୧୨୦ରୁ ଅଧିକ ବିକାଶଶୀଳ ଦେଶ ଭାଗ ନେଇଛନ୍ତି । ଏହା ଗ୍ଲୋବାଲ ସାଉଥର ସବୁଠାରୁ ବଡ଼ ଧରଣର ଭର୍ଚୁଆଲ ସମିଟ । ପ୍ରଧାନମନ୍ତ୍ରୀ କହିଥିଲେ, ଜାତିସଂଘ ସୁରକ୍ଷା ପରିଷଦ ସମେତ ଅନ୍ତର୍ଜାତୀୟ ସଙ୍ଗଠନ ଗୁଡ଼ିକରେ ତତ୍କାଳ ଏକ ମୌଳିକ ସୁଧାରର ଆବଶ୍ୟକତା ରହିଛି । ଭାରତ ଏକ ଗ୍ଲୋବାଲ ସାଉଥ ସେଣ୍ଟର ଅଫ ଏକ୍ସିଲେନ୍ସ ସ୍ଥାପନ କରିବ । ନୂଆ ପ୍ରୋଜେକ୍ଟ ଆରୋଗ୍ୟ ମୈତ୍ରୀ ବାବଦରେ ମୋଦି ପ୍ରକାଶ କରିଥିଲେ । ଏହାଦ୍ୱାରା ଭାରତ ପ୍ରାକୃତିକ ବିପର୍ଯ୍ୟୟ ଏବଂ ମାନବୀୟ ସଙ୍କଟର ସମ୍ମୁଖୀନ ହେଉଥିବା ଦେଶ ଗୁଡ଼ିକୁ ମେଡ଼ିକାଲ ସୁବିଧା ଉପଲବ୍ଧ କରାଇପାରିବ ବୋଲି ସେ ସୂଚନା ଦେଇଥିଲେ । ପ୍ରଧାନମନ୍ତ୍ରୀ ଯୁଦ୍ଧ, ଆତଙ୍କବାଦ ସମେତ ବିଭିନ୍ନ ବୈଶ୍ୱିକ ସମସ୍ୟା ଉପରେ ଆଲୋକପାତ କରିଥିଲେ । ସମ୍ପ୍ରତି ବିଶ୍ୱ ସଙ୍କଟରେ ପଡ଼ିଛି । ଆଉ କେତେ ଦିନ ଏହି ଅସ୍ଥିରତା ଜାରି ରହିବ ତାହା କହିବା କଷ୍ଟକର ବୋଲି କହିଥିଲେ । ଏଥିସହ ଇନ୍ଧନ ସଙ୍କଟ, ଖାଦ୍ୟାଭାବ, ମୁଦ୍ରାସ୍ଫୀତି, କରୋନା ମହାମାରୀ, ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟା ଆଦି ଉପରେ ଚିନ୍ତା ବ୍ୟକ୍ତ କରିଥିଲେ । ଭଏସ ଅଫ ଗ୍ଲୋବାଲ ସାଉଥ ସମିଟରେ ବାର୍ବାଡ଼ାସ, କୋଷ୍ଟାରିକା, କମନଓ୍ୱେଲଥ ଦେଶ ବାହାମାସ, କ୍ୟୁବା, ଗାମ୍ବିଆ, ହଣ୍ଡୁରାସ, ଲାଓ ପିପୁଲସ ଡେମୋକ୍ରାଟିକ ରିପବ୍ଲିକ, ଫେଡେରେଟେଡ ଷ୍ଟେଟ ଅଫ ମାଇକ୍ରୋନେସିଆ, ରିପବ୍ଲିକ ଅଫ ନାଉରୁ, ସେଣ୍ଟ ଲୁସିଆ. ସେଣ୍ଟ ଭିନସେଣ୍ଟ ଏବଂ ଦି ଗ୍ରେନାଡାଇନସ, ସୋଲୋମନ ଆଇଲ୍ୟାଣ୍ଡ, ତୁର୍କମେନିସ୍ତାନ, ଉରୁଗୁଏ, ୟେମେନ ସମୂହ ଦେଶ ଅଂଶ ଗ୍ରହଣ କରିଥିଲେ ।

ଭାରତର ଶିକ୍ଷା ବ୍ୟବସ୍ଥା ପ୍ରଶଂସନୀୟ କାରଣ କେନ୍ଦ୍ରଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ବିଭାଗର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦାୟିତ୍ୱ ନେବା ପରେ ଭାରତର ଶିକ୍ଷା ବ୍ୟବସ୍ଥାକୁ ଆହୁରି ବାସ୍ତବାଭିମୁଖୀ ଓ ଶିକ୍ଷାଭିମୁଖୀ କରିପାରିଛନ୍ତି । ଗାମ୍ବିଆର ଶିକ୍ଷା ମନ୍ତ୍ରୀ ପ୍ରଫେସର ପାଏରୀ ଗୋମେଜ ଶିକ୍ଷା ପ୍ରଯୁକ୍ତିବିଦ୍ୟା ଓ ଦକ୍ଷତା ବିକାଶ ଦିଗରେ ଭାରତୀୟ ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ । ଷ୍ଟେମ ବର୍ଗରେ ଭାରତ ସହ ଭାଗିଦାରୀ ହେବା ପାଇଁ ସେ ଇଚ୍ଛା ପ୍ରକାଶ କରିବା ସହ ବୈଷୟିକ, ଧନ୍ଦାମୂଳକ, ଶିକ୍ଷା ପ୍ରଶିକ୍ଷଣକୁ ତାଙ୍କ ଦେଶ ଗୁରୁତ୍ୱ ଦେଇ ଏହାକୁ ବିକଶିତ କରିବା ପାଇଁ ସେ ଭାରତର ସହଯୋଗ ଲୋଡ଼ିଥିଲେ । ନ୍ୟାସନାଲ ଏଜୁକେସନାଲ ହବ ଏବଂ ନ୍ୟାସନାଲ ଟେକ୍ନୋଲୋଜି ପାର୍କ ସ୍ଥାପନ କରିବା ପାଇଁ ସେ ଭାରତ ଠାରୁ ସହଯୋଗ ଆଶା କରିଥିଲେ । ବିକାଶ ଏଜେଣ୍ଡା ପୂରଣ ପାଇଁ ଭାରତର ସହଯୋଗ ଲୋଡ଼ା । ସ୍ଥାୟୀ ବିକାଶ ଏଜେଣ୍ଡାକୁ ପୂରଣ କରିବା ପାଇଁ ଭାରତର ସହଯୋଗ ଲୋଡ଼ା ବୋଲି ସୋଲୋମାନ ଆଇଲ୍ୟାଣ୍ଡର ଶିକ୍ଷାମନ୍ତ୍ରୀ ଲେନଲୀ ତାନଗାଣ୍ଡା କହିଛନ୍ତି । ଭାରତର ଷ୍ଟଡି ଏବଂ ଟ୍ରେନିଂ ବ୍ୟବସ୍ଥା ଏକ ସଫଳ ମଡ଼େଲ ବୋଲି ସେ ପ୍ରକାଶ କରିଥିଲେ ।

ଦକ୍ଷତା ବିକାଶ ଜରୁରୀ । ଶିକ୍ଷାକ୍ଷେତ୍ରରେ ବିକାଶ ପାଇଁ ଦକ୍ଷତା ବିକାଶ ବା କାପାସିଟି ବିଲ୍ଡିଂ ଜରୁରୀ ବୋଲି ଭଏସ ଅଫ ଗ୍ଲୋବାଲ ସମିଟରେ ବାହାମସର ଶିକ୍ଷାମନ୍ତ୍ରୀ ଗ୍ଲେନିସ୍ ହାନୀ ମାର୍ଟିନ କହିଛନ୍ତି । ସେଠାରେ ସ୍କିଲିଂ ଏବଂ ଶିକ୍ଷାର ବିକାଶକୁ ଗୁରୁତ୍ୱ ଦିଆଯାଉଛି । ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ସମସ୍ୟାର ସମାଧାନ ଏବଂ ସେମାନଙ୍କ ନୈତିକ ଶିକ୍ଷା ବଢ଼ାଇବା ଉପରେ ସର୍ଭେ ମଧ୍ୟ କରାଯାଇଛି । ଟେକ୍ନିକାଲ ଏବଂ ଭୋକେସନାଲ ଟ୍ରେନିଂ ହବ ବନାଇବା ପାଇଁ ଶ୍ରମିକ ବିଭାଗ ସହ ମିଳିତ ଭାଗିଦାରୀରେ ସେମାନେ କାର୍ଯ୍ୟ ଜାରି ରଖିଛନ୍ତି । ଡିଜିଟାଲ ଏଜୁକେଶନ ରିସୋର୍ସ ମଧ୍ୟ କରାଯାଇଛି । ଅଧିକାଂଶ ସମୟରେ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଶିକ୍ଷାନୁଷ୍ଠାନଗୁଡ଼ିକର ଡିଜିଟାଲାଇଜେସନ କରାଯାଇଥିବା ଗ୍ଲେନିସ କହିଛନ୍ତି ।

ଶିକ୍ଷା ରୂପାନ୍ତରଣ ଏକ ନିରନ୍ତର ପ୍ରକ୍ରିୟା । ଉରୁଗୁଏ ଶିକ୍ଷାମନ୍ତ୍ରୀ ପାବଲୋ ଦା ସିଲଭେରା କହିଛନ୍ତି ଭବିଷ୍ୟତ ପିଢ଼ି ପାଇଁ ଶିକ୍ଷା ସବୁଠୁ ଗୁରୁତ୍ୱପୂର୍ଣ୍ଣ । ଶିକ୍ଷା ରୂପାନ୍ତରଣ ଏକ ନିରନ୍ତର ପ୍ରକ୍ରିୟା । ନିଜ ଦେଶର ସମାଜ ଏବଂ ମାନବ ସମ୍ବଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶିକ୍ଷାକୁ ନିରନ୍ତର ବିକଶିତ କରିବା । ପରାଧୀନ ମାନସିକତା ବଦଳାଇବା । ଗ୍ଲୋବାଲ ସାଉଥ ଦେଶରେ ଥିବା ଶିକ୍ଷା ବ୍ୟବସ୍ଥା ପରାଧୀନ ମାନସିକତା ଯୋଗୁ ଶତାବ୍ଦୀ ଶତାବ୍ଦୀ ଧରି କ୍ଷତି ସହୁଥିଲା । ସମୟ ଆସିଛି, ଏହାକୁ ପରିବର୍ତ୍ତନ କରି ଜନସାଧାରଣଙ୍କ ଆକାଂକ୍ଷାକୁ ପୂରଣ କରିବା ପାଇଁ କାର୍ଯ୍ୟ କରିବା । ସର୍ବବ୍ୟାପୀ, ସର୍ବସ୍ପର୍ଶୀ ଗୁଣାତ୍ମକ, ସୁଲଭ ଏବଂ ଉତ୍ତରଦାୟିତ୍ୱ ଭଳି ସ୍ତମ୍ଭ ଉପରେ ପର୍ଯ୍ୟବେସିତ ଜାତୀୟ ଶିକ୍ଷା ନୀତି ଭାରତୀୟ ଚରିତ୍ର ସହ ଜଡ଼ିତ ଏବଂ ୨୦୩୦ ସାମଗ୍ରିକ ବିକାଶ ସହ ସମ୍ପୃକ୍ତିତ । ଏହା ଆମ ଯୁବପିଢ଼ିଙ୍କୁ ବୈଶ୍ୱିକ ନାଗରିକ ଭାବେ ବିକଶିତ କରିବ, ଯାହା ଦ୍ୱାରା ସେମାନେ ମାନବତାର କଲ୍ୟାଣ ପାଇଁ ବୈଶ୍ୱିକ ସମସ୍ୟାର ସମାଧାନର ସୂତ୍ର ବାହାର କରିପାରିବେ ।

ମାତୃଭାଷାରେ ଶିକ୍ଷାଦାନକୁ ଗୁରୁତ୍ୱ ଦିଆଯାଇଛି । ସ୍କୁଲ ଶିକ୍ଷା ସ୍ତରରେ ପ୍ରାରମ୍ଭିକ ଭାବେ ଶୈଶବ ଯତ୍ନ ଓ ଶିକ୍ଷାକୁ ପ୍ରାଥମିକତା ଦିଆଯାଇଛି । ଦିବ୍ୟାଙ୍ଗ ଶିଶୁଙ୍କୁ ସବୁପ୍ରକାର ସହଯୋଗ ପ୍ରଦାନ କରାଯିବା ସହ ଶିକ୍ଷକଙ୍କ ଦକ୍ଷତା ବିକାଶ ଏବଂ ଟ୍ରେନିଂ ଉପରେ ମଧ୍ୟ ପଦକ୍ଷେପ ନିଆଯାଇଛି । ସ୍କୁଲ ଯାଉଥିବା ବାଳିକାଙ୍କ ସ୍ୱାସ୍ଥ୍ୟ ଏବଂ ପୋଷଣକୁ ଉନ୍ନତ କରିବା ପାଇଁ ଆମ ସରକାର ଅନେକ ପଦକ୍ଷେପ ନେଉଛନ୍ତି । ପାଠ୍ୟକ୍ରମକୁ ପୁନଃ ଡିଜାଇନ କରାଯାଇ ଏହାକୁ ଛାତ୍ରଛାତ୍ରୀ କେନ୍ଦ୍ରୀୟ କରିବା ସହ ମାତୃଭାଷାରେ ଶିକ୍ଷା ଆହରଣ ଓ ଶିକ୍ଷାଦାନକୁ ବିଶେଷ ମହତ୍ୱ ଦିଆଯାଇଛି । ବହୁମୁଖୀ ଶିକ୍ଷାକୁ ପ୍ରୋତ୍ସାହନ ଦିଆଯାଇ ଉଚ୍ଚ ଶିକ୍ଷାର ଗୁଣାତ୍ମକ ବିକାଶ ଦିଗରେ ସଂସ୍କାର ଅଣାଯାଇଛି । ପରିବର୍ତ୍ତିତ ବିଶ୍ୱର ଆବଶ୍ୟକତାକୁ ଦୃଷ୍ଟିରେ ରଖି ମଲ୍ଟି ଏଣ୍ଟ୍ରି ଏକଜିଟ ସହ ଛାତ୍ରଛାତ୍ରୀଙ୍କୁ ଦକ୍ଷତା ବିକାଶ ଓ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଅଧିକ ସୁବିଧା ସୁନିଶ୍ଚିତ କରାଯାଇଛି । ସ୍କୁଲ, ଦକ୍ଷତା ବିକାଶ ଓ ଉଚ୍ଚ ଶିକ୍ଷାର ଏକୀକରଣ କରିବା ପାଇଁ ଟେକ୍ନୋଲୋଜି ଭିତ୍ତିଭୂମି ଯଥା ନ୍ୟାସନାଲ ଲେବଲ ଷ୍ଟୁଡେଣ୍ଟ ରେଜିଷ୍ଟ୍ରି, ଏକାଡ଼େମିକ ବ୍ୟାଙ୍କ ଅଫ କ୍ରେଡିଟ ଆଣ୍ଡ ସ୍କିଲ ଇଣ୍ଡିଆ ଡିଜିଟାଲ ପୋର୍ଟାଲ ପ୍ରସ୍ତୁତ କରାଯାଉଥିବା ମନ୍ତ୍ରୀ ଧର୍ମେନ୍ଦ୍ର କହିଥିଲେ । ଇ-ବିଦ୍ୟା ପାଇଁ ୨୬୦ ଟିଭି ଚ୍ୟାନେଲ । ସ୍କିଲ ଲ୍ୟାବ ଏବଂ ଶିଳ୍ପ ଶିକ୍ଷାନୁଷ୍ଠାନ ମଧ୍ୟରେ ସଂଯୋଗୀକରଣ କରାଯାଇ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ଧନ୍ଦାମୂଳକ ଶିକ୍ଷା ସହ ଯୋଡ଼ାଯାଉଛି । ନିଯୁକ୍ତି କ୍ଷେତ୍ରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀଙ୍କୁ ଶିଳ୍ପ କ୍ଷେତ୍ରରେ ଇର୍ଣ୍ଣସିପ ଏବଂ ଆପ୍ରେଣ୍ଟିସିପ ପ୍ରଦାନ କରାଯାଇ ଛାତ୍ରଛାତ୍ରୀଙ୍କ ଅଭିଜ୍ଞତା ପ୍ରଦାନ କରିବା ଦିଗରେ ପ୍ରାଧାନ୍ୟ ଦିଆଯାଇଛି । ପିଏମ ଇବିଦ୍ୟା ପଦକ୍ଷେପ ସ୍ୱରୂପ ଦୀକ୍ଷା, ଇ-ପାଠଶାଳା, ସ୍ୱୟଂ ପ୍ରଭା ଟିଭି ଏବଂ ୨୬୦ରୁ ଅଧିକ ଟିଭି ଚ୍ୟାନେଲର ବ୍ୟବସ୍ଥା କରାଯାଇଛି ।

ଶିକ୍ଷାର ଅନ୍ତର୍ଜାତୀୟକରଣକୁ ଗୁରୁତ୍ୱ : ଶିକ୍ଷାର ଅନ୍ତର୍ଜାତୀୟକରଣ ହେଉଛି ଜାତୀୟ ଶିକ୍ଷା ନୀତିର ମୂଳ ଅଂଶ । ଜାତୀୟ ଶିକ୍ଷା ନୀତି ଭାରତକୁ ଗ୍ଲୋବାଲ ଷ୍ଟଡି ଡେଷ୍ଟିନେସନ ଭାବରେ ପ୍ରୋତ୍ସାହିତ କରୁଛି, ଯାହା ଦ୍ୱାରା ସୁଲଭ ମୂଲ୍ୟରେ ଗୁଣାତ୍ମକ ଶିକ୍ଷାର ଲାଭ ଛାତ୍ରଛାତ୍ରୀମାନେ ପାଇପାରିବେ । ଭାରତରେ ଥିବା ଶିକ୍ଷାନୁଷ୍ଠାନ ବିଦେଶର ଉଚ୍ଚ ଶିକ୍ଷାନୁଷ୍ଠାନ ସହ ମିଶି ଛାତ୍ରଛାତ୍ରୀଙ୍କୁ ଡୁଆଲ ଡିଗ୍ରୀ ପ୍ରଦାନ କରିବା ପାଇଁ ପଦକ୍ଷେପ ନିଆଯାଇଛି । ଆଇଆଇଟି ଭଳି ପ୍ରମୁଖ ଶିକ୍ଷାନୁଷ୍ଠାନଗୁଡ଼ିକ ବିଦେଶରେ ନିଜ କ୍ୟାମ୍ପସ ଆରମ୍ଭ କରିବା ପାଇଁ ଯାଉଛନ୍ତି । ଏହାବ୍ୟତୀତ ଭାରତରେ ବୈଦେଶିକ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ପଦକ୍ଷେପ ନିଆଯାଇଥିବା କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର କହିଥିଲେ । ଭାରତ ଆଜି ଶିକ୍ଷା କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ପଥରେ ଆଗେଇଛି ।

୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫

# ଅର୍ନ୍ତବାଣୀ

॥ ଅନୀତା ପଟ୍ଟନାୟକ ॥

ମୋ ଭିତରେ ନିଶ୍ଚୟଭାବେ କିଏ ଅଛି ଯେ କି ମୋ ଭିତରେ ଦିନସାରା କିଛିନା କିଛି ଭାବନା ସୃଷ୍ଟି କରି ଗପକରି ଚାଲିଛି । ମୋ ଭିତରେ ନିଶ୍ଚୟ ଭାବରେ ଗୋଟିଏ ଗନ୍ତାଘର ଅଛି, ଯେ କି ମୋର ଚିନ୍ତାଧାରା ଗୁଡ଼ିକୁ ସଜାଡ଼ି ରଖୁଛି । ମୋ ଭିତରେ ନିଶ୍ଚୟ କିଛି ଲିଭାଇବା ଯନ୍ତ୍ର ଅଛି, ଯେ କି ଦରକାର ହେଲେ ମୋର ଖରାପ ଚିନ୍ତାକୁ ସୁନ୍ଦର ଭାବରେ ଲିଭାଇ ଦେଇ ପାରୁଛି । ମୋ ଭିତରେ ନିଶ୍ଚୟ ଭାବରେ ଜଣେ କେହି ଋଷି ପ୍ରତିମ ଜ୍ଞାନୀଗୁଣୀ ବ୍ୟକ୍ତି ଅଛନ୍ତି, ଯେ କି ମତେ ସୁନ୍ଦର ଚିନ୍ତାଧାରା ଦେଉଛନ୍ତି । ମୋ ଭିତରେ ଅଗ୍ନିର ଲେଲିହାନ ଶିଖାପରି କିଛି ଅଛି ନେଚେତ ମୁଁ ଜନ୍ମରୁ ଆଜି ପର୍ଯ୍ୟନ୍ତ ଯେତେ ଖାଦ୍ୟ ଖାଇ ସାରିଛି ତାହାକୁ ସେ ହଜମ କରି ସାରିଛି ଓ ପୁଣି କ୍ଷୁଧା ସୃଷ୍ଟି କରୁଛି ଓ ଭକ୍ଷଣ କରିବ କହୁଛି । ମୋ ଭିତରେ ନିଶ୍ଚୟ ସୁମଧୁର ସ୍ୱରଥିବା କୌଣସି ଘଣ୍ଟା ଅଛି ନଚେତ କାଳ ବିଷୟରେ ମତେ କିଏ ସଚେତନ କରାଉଛି ? ମୋ ଭିତରେ କଣ ଆଗ୍ନେୟଗିରି ଅଛି ? ନଚେତ ସାଧାରଣ କଥାରେ ରାଗରେ ଜର୍ଜରିତ ହେଉଛି କିପରି ? ମୋ ଭିତରେ କିଛି ଗୋଟେ ଚଳନ୍ତତା ଯନ୍ତ୍ର ଅଛି ନଚେତ ମୋ ଦେହର ରକ୍ତ କଣିକା ଗୁଡ଼ିକ ଆପାଦମସ୍ତକ ଦୌଡ଼ି ପାରୁଛି କିପରି ? ନିଶ୍ଚୟ ମୋ ଭିତରେ ପ୍ରଭୁ ରହିଛନ୍ତି ଓ ମତେ ସୁରକ୍ଷା ଦେବା ସହ ଚଲାପଥରେ ସାହାଯ୍ୟ କରୁଛନ୍ତି ।

ଏମିତି ଗୁଡ଼ିଏ ଚିନ୍ତା କରୁଥିବା ସମୟରେ ମୁଁ ଗୋଟିଏ ବଗିଚା ନିକଟରେ ପହଞ୍ଚିଲି, ଦେଖିଲି ଭଳି କି ଭଳି ଫୁଲ ଫୁଟିଛି ଭାବିଲି ନିଶ୍ଚୟ ଏ ବଗିଚାରେ କିଏ ଗୋଟିଏ ମାଳି ଅଛି, ନଚେତ ସୁନ୍ଦର ଭାବେ ଘାସ କଟାଯାଇ ମୁଲାୟମ ଚାଦର/ଗାଲିଚା କିଏ ସୃଷ୍ଟି କରିଛି ? ଫୁଟିଥିବା ନାଲି ନାଲି ଗୋଲାପ ଗଛକୁ କୁଣ୍ଡରେ ଧାଡ଼ି ଧାନି କରି କିଏ ସାଇତି ରଖିଛି ? ଗଛ ସବୁ କଟାଯାଇ ସେଥିରେ ସୁନ୍ଦର ସୁନ୍ଦର ପଶୁ ଓ ପକ୍ଷୀର ଆକୃତି କିଏ କରିଛି ? ବିଭିନ୍ନ ରଙ୍ଗର ସୂର୍ଯ୍ୟମୁଖୀ ଫୁଲ, କଇଁ ଫୁଲ, କନିଅର ଫୁଲ, ଟଗରଫୁଲ, ଚମ୍ପାଫୁଲ ଓ ରଜନୀଗନ୍ଧା ଫୁଲକୁ କିଏ ସୁରକ୍ଷା ଦେଉଛି ? ଫୁଲ ଗୁଡ଼ିକ ନୀରବ ସାଧକ ପରି ଆଗନ୍ତୁକ ମାନଙ୍କୁ ଆନନ୍ଦ ପ୍ରଦାନ କରୁଛନ୍ତି । ମତେ ଲାଗିଲା ଏ ସବୁ ଭିତରେ ମାଳି ଯେପରି ବଗିଚାକୁ ସଜାଇଛି ସେହିପରି ସୃଷ୍ଟିରେ କେହି ଜଣେ ସୃଷ୍ଟିକର୍ତ୍ତା ଅଛନ୍ତି ଯେ କି ମୋ ଭିତରେ ବାହାରେ ସର୍ବତ୍ର ଅଛନ୍ତି ଓ ମତେ ସଜାଇ ରଖିଛନ୍ତି । ସୃଷ୍ଟିକର୍ତ୍ତାଙ୍କ ବିଷୟରେ ଏପରି ଭାବୁ ଭାବୁ ମତେ ଟିକେ ହାଲିଆ ଲାଗିବାରୁ ମୁଁ ବଗିଚା କଡ଼ରେ ଥିବା ଅନାବନା ଅସଜଡ଼ା ଘାସ ଦେଖିବାକୁ ପାଇଲି ଓ ସେଠାରେ ବସି ପଡ଼ିଲି । ଭାବିଲି ଭଗବାନଙ୍କ ପାଖରେ କେତେ ପରିମାଣର ସୁନ୍ଦର ସୁନ୍ଦର ରଙ୍ଗ ଅଛି ସତେ ? ବୃକ୍ଷର ପତର ସବୁ ସବୁଜ । ଆକାଶ ନୀଳ, ନାଲି, ହଳଦୀ, ଗୋଲାପି ରଙ୍ଗର କେତେ ଗୋଲାପ ଫୁଲ । ହଳଦିଆ କନିଅର ଫୁଲ ଇତ୍ୟାଦି ଇତ୍ୟାଦି । ମୁଁ ଚିତ୍ରଟିଏ ଆଙ୍କିଦେଲେ ମୋର ରଙ୍ଗଡବାଟି ସରିଯାଉଛି ସୃଷ୍ଟିକର୍ତ୍ତା କେଉଁଠାରୁ ଏତେ ପ୍ରକାରର ଓ ଏତେ ରଙ୍ଗ ଆଣୁଛନ୍ତି ? ସେ କାରଖାନା କେଉଁଠାରେ ବିଦ୍ୟମାନ । ଭାବିଲି ଆରେ ପରିବାପତ୍ର ମଧ୍ୟ ବିଭିନ୍ନ ପ୍ରକାରର ଓ ରଙ୍ଗର । ଆଳୁ ମାଟିଆ ଗୋଲାକାର ଓ ଚେପେଟା, ବାଇଗଣ ଧଳା, କଳା । ଫୁଲକୋବି ଧଳା, ସବୁଜ ବନ୍ଧାକୋବି । ଏ ସବୁ ସୃଷ୍ଟିକର୍ତ୍ତା ସୃଷ୍ଟି କରିଛନ୍ତି ଆମକୁ ଖୁସି କରିବା ପାଇଁ ବିନା କର ଦେଇ ବାୟୁ, ଅଗ୍ନି, ଜଳ ଆକାଶ ସବୁ କିଛି ଦେଇଛନ୍ତି । ମା କହନ୍ତି ‘ଭଗବାନଙ୍କୁ ପୂଜା କରିବା, ମନ୍ଦିର ଯିବା, ଭଜନ କରିବା, ଧ୍ୟାନ କରିବା ଓ ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ଏସବୁ ସୃଷ୍ଟିକର୍ତ୍ତାଙ୍କୁ କରଦେବା ସଦୃଶ ।

ଏ ସମୟରେ ଦେଖିଲି ସୁନ୍ଦର ବଗିଚାର ପାଚେରୀ କଡ଼ରେ ମୁଁ ବସିଥିବା ଜାଗାର ପାଖରେ ଅନାବନା ଦୁବଘାସ ବଢ଼ିଛି ମତେ ଲାଗିଲା ସତେ ଯେପରି କହୁଛି ହେ ମାନବ ଦେଖ ମୋର କି ଅଲୋଡ଼ା ଜୀବନ । ପାଚେରୀ ଘେରା ସୁନ୍ଦର ବଗିଚାରେ ଯେଉଁ ଆଗନ୍ତୁକମାନେ ଆସୁଛନ୍ତି ଓ ବଗିଚାର ଚୌକିରେ ବସିଛନ୍ତି ଗାଲିଚା ପରା ଘାସକୁ ସୁନ୍ଦର କହି ଉପଭୋଗ କରୁଛନ୍ତି, ହେଲେ ମୋର ଜୀବନ କ୍ଷଣସ୍ଥାୟୀ, ମୋ ଉପରେ ମଣିଷ, ଜୀବଜନ୍ତୁ ସବୁ ଚଢ଼ି ଚାଲିଯାଉଛନ୍ତି । କି ତୁଚ୍ଛ ମୋର ଜୀବନ । ଏହି ସମୟରେ ମୋର ଭିତରୁ ସ୍ୱତଃ ବାହାରି ପଡ଼ିଲା ଆରେ ମୁଁ ଏତେ ସମୟ ହେବ କ’ଣ କରୁଛି ? ଆଜିପରା ରଥଯାତ୍ରା ମା କହିଥିଲେ ଆସିବାବେଳେ ଦୁବଘାସ ଆଣିବୁ । ପ୍ରଭୁ ଜଗନ୍ନାଥ ତାଙ୍କ କିରଟୀରେ ଦୁବଘାସ ଲଗାଇବାକୁ ଭାରି ଭଲ ପାଆନ୍ତି ତେଣୁ ଘରେ ଥିବା ଜଗନ୍ନାଥଙ୍କ ମୂର୍ତ୍ତିରେ ସେ ଦୁବଘାସ ପ୍ରଦାନ କରିବେ କହିଥିଲେ । ମୁଁ ସଯତ୍ନେ ଦୁବଘାସକୁ ଉପାଡ଼ିଲି ଓ ମନେ ମନେ ଭାବିଲି ଏ ପୃଥିବୀରେ କିଛି ତୁଚ୍ଛନୁହେଁ । ଭଗବାନ କିଛି ନା କିଛି ଉଦ୍ଦେଶ୍ୟ ରଖି ପ୍ରତ୍ୟେକ ବସ୍ତୁକୁ ସୃଷ୍ଟି କରିଛନ୍ତି କେହି ଛୋଟ ବା ବଡ଼ ନୁହଁନ୍ତି । ସଚରାଚର ଜଗତରେ ସେ ବିଦ୍ୟମାନ । ଏ ଦୁବ, ବଗିଚାରେ ନାହିଁ ବୋଲି ଦୁଃଖ କରିବା ଉଚିତ ନୁହେଁ କାରଣ ବଗିଚାର ଗାଲିଚା ସଦୃଶ ଘାସ ଠାରୁ ମଧ୍ୟ ମହାନ । ଭଗବାନଙ୍କର କିରଟୀରେ ରହି ସେ ତାର ଜନ୍ମର ପୂର୍ଣ୍ଣତା ଲାଭ କରିବ ହେଲେ ମତେ ଅନେକ ସମୟ ବିତାଇବାକୁ ଅଛି ଏ ଜନ୍ମର ସାର୍ଥକତା ପାଇଁ । ଶୀଘ୍ର ଯାଏ ନଚେତ ମା ଅଭିମାନ କରିବେ ।

ପ୍ଲଟନଂ-୫ଡି/୧୪୫୦, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬

# ମୁଣ୍ଡ ନେଉଛି ଡ୍ରେନ୍

॥ ରଶ୍ମୀରେଖା ପରିଡ଼ା ॥

ଦୁଇଦିନ ତଳେ କଟକ ବିଡ଼ାନାସୀରେ ଏକ ଅଭାବନୀୟ ଘଟଣାକ୍ରମରେ ଜଣେ କୋମଳମତି ପିଲାର ଜୀବନ ଯାଇଛି । ସେହିପରି ଭୁବନେଶ୍ୱରରେ ଗତବର୍ଷ ଜଣେ କଲେଜରୁ ଫେରୁଥିବା ଛାତ୍ରୀ ଖୋଲା ଡ୍ରେନରେ ପଡ଼ି ଜୀବନ ହାରିଥିଲେ । କେତେବେଳେ ମଣିଷ ତ, ଆଉ କେତେବେଳେ ପଶୁ । କିଛି ଦିନ ବ୍ୟବଧାନରେ ବାରମ୍ବାର ଅଘଟଣ ଘଟୁଛି । କେତେକଙ୍କ ଜୀବନ ବଞ୍ଚିଯାଉଛି ତ ଆଉ କେତେକଙ୍କ ମୃତଦେହ ଉଦ୍ଧାର ହେଉଛି । ଗତ କିଛି ବର୍ଷ ମଧ୍ୟରେ ସହରରେ ଏହିଭଳି ୬ରୁ ଅଧିକ ଘଟଣା ସାମ୍ନାକୁ ଆସିଲାଣି । ଫଳରେ କଟକ ସହର ପାଇଁ ଏବେ ମରଣଯନ୍ତା ପାଲଟିଛି ମୁକୁଳା ଡ୍ରେନ । ଏହାସତ୍ତ୍ୱେ ସିଏମସି କର୍ତ୍ତୃପକ୍ଷ ସ୍ଲାବ ପକାଇବା ବଦଳରେ ନିରବଦ୍ରଷ୍ଟା ସାଜିଛନ୍ତି ।

କଟକ ସହରର ଚାରିଆଡ଼େ ମୁକୁଳା ଡ୍ରେନ । ପ୍ରତି ବର୍ଷ ସିଏମସି ଛୋଟ ଡ୍ରେନରେ ସ୍ଲାବ ପକାଇବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛି । କିନ୍ତୁ ସଫଳ ମିଳୁନାହିଁ । ଯାହାଦ୍ୱାରା ମୁକୁଳା ଡ୍ରେନ ଯୋଗୁଁ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି । ଏମିତିକି କଟକ ଭଳି ଚଳଚଞ୍ଚଳ ସହରରେ ସବୁ ଛୋଟ ବଡ଼ ଡ୍ରେନ ମୁକୁଳା । କୌଣସି ସ୍ଥାନରେ କଂକ୍ରିଟ ବାଡ଼ ତ ଦୂର କଥା ଲୁହାବାଡ଼ ଖଣ୍ଡେ ଘେରା ହୋଇନି । ଯାହାଦ୍ୱାରା ନିରୀହ ଲୋକଙ୍କ ଜୀବନ ଯାଉଛି । ଗତ କିଛି ବର୍ଷ ତଳେ ଅନ୍ଦରପୁର ଅଞ୍ଚଳରେ ଜଣେ କାର ଚାଳକ କାର ସହ ଡ୍ରେନରେ ପଡ଼ି ଯାଇଥିଲେ । ଶ୍ୱାସରୁଦ୍ଧ ହୋଇ ତାଙ୍କର ମୃତ୍ୟୁ ଘଟିଥିଲା । ସେହିଭଳି କିଛି ମାସ ତଳେ ବଜ୍ରକବାଟି ମୁଖ୍ୟ ଡ୍ରେନରୁ ଜଣେ ବ୍ୟକ୍ତିଙ୍କ ମୃତ ଦେହ ଉଦ୍ଧାର ହୋଇଥିଲା । ଏହାସହ ଲିଙ୍କରୋଡ଼ ଡ୍ରେନ, ନୂଆ ବଜାର ଡ୍ରେନ ଓ ବୃନ୍ଦାବନ ସିନେମା ହଲ ପଛ ପାର୍ଶ୍ୱ ଡ୍ରେନରୁ କ୍ରମାଗତ ଭାବେ ମୃତଦେହ ଉଦ୍ଧାର ହେଉଛି । ସବୁଠୁ ବଡ଼ କଥା ହେଉଛି, ଲୋକମାନେ ଡ୍ରେନରେ ଗଳିବା ପରେ କିଛି ଦିନ ପରେ ଭାସମାନ ଅବସ୍ଥାରେ ମୃତଦେହ ଉଦ୍ଧାର ହେଉଛି ଯାହାଦ୍ୱାରା ସେମାନଙ୍କର ପରିଚୟ ମଳିବା ଓ ମୃତ୍ୟୁର କାରଣ ମଧ୍ୟ ଜାଣିବା ପୁଲିସ ପାଇଁ କାଠିକର ପାଠ ହେଉଛି । ଯେଉଁଠି ସାମାନ୍ୟ ଜୀବନକୁ ମୂଲ୍ୟବାନ ଭାବେ ଗ୍ରହଣ କରାଯାଇ ବିଭିନ୍ନ ବିଭାଗ ଓ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ସେଠାରେ ସିଏମସିର ଏଭଳି ଅବହେଳା ପାଇଁ ଜୀବନ ଯାଉଥିଲେ ମଧ୍ୟ ଏ ଦିଗରେ ସରକାର କିମ୍ବା କୌଣସି ନେତା କିମ୍ବା ମନ୍ତ୍ରୀ ମୁହଁ ଖୋଲୁନାହାଁନ୍ତି । ସହରର ଅନେକ ସ୍ଥାନରେ ଘର ଆଗରେ ଡ୍ରେନ ଦେଖିବାକୁ ମିଳୁଛି । ବର୍ଷ ବର୍ଷ ଧରି ଯାହାର ଢ଼ାଙ୍କୁଣା ଖୋଲା ପଡୁଛି । ଯାହାଦ୍ୱାରା ମଣିଷ ଓ ବୁଲା ଗୋରୁଗାଈ ମଧ୍ୟ ତା ଭିତରେ ପଡ଼ି ଅକାରଣରେ ଜୀବନ ହରାଉଛନ୍ତି । ସହରକୁ ସୁନ୍ଦର ଓ ରାସ୍ତାକୁ ପ୍ରଶସ୍ତ କରିବା ପାଇଁ ସରକାର ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ତାହା ବାସ୍ତବରେ ପାଣିରେ ପଡୁଛି କହିଲେ ଅତ୍ୟୁକ୍ତି ହେବନାହିଁ । ତେଣୁ ସରକାର ତୁରନ୍ତ ସହର ତମାମ ମୁକୁଳା ଡ୍ରେନକୁ ବନ୍ଦ କରନ୍ତୁ । ବର୍ଷାଦିନେ ମଧ୍ୟ ଏହାର ଆହୁରି ବିପଦ ବଢ଼ିଯାଏ କାରଣ ରାସ୍ତା ଓ ଖୋଲା ଡ୍ରେନ ଦେଖାଯାଇନଥାଏ । ତେଣୁ ଏ କ୍ଷେତ୍ରରେ ପ୍ରଶାସନର ଦାୟିତ୍ୱ ସହିତ ଆମ୍ଭମାନଙ୍କର ମଧ୍ୟ ଗୁରୁଦାୟିତ୍ୱ ରହିଛି । ଆମ୍ଭେମାନେ ସଚେତନ ହୋଇ ସୂଚନା ଫଳକ ତୁରନ୍ତ ଲଗାଇ ପ୍ରଶାସନକୁ ଜଣାଇବା । ଏହା ସ୍ୱାଭାବିକ ଭାବେ ଜଣେ ଆଦର୍ଶ ନାଗରିକର କର୍ତ୍ତବ୍ୟ ।

ମରିଚପୁର, ବାଲିକୁଦା, ଜଗତସିଂହପୁର

## ଦଶପଲ୍ଲା ରେ ସକ୍ରିୟ ହେଲା ମୋବାଇଲ ଚୋରୀ




ଦଶପଲ୍ଲା, (ମହାଭାରତ ): ଦଶପଲ୍ଲା ଏନ ଏ ସି ଅନ୍ତର୍ଗତ ଲକ୍ଷ୍ମୀ ବଜାରସ୍ଥିତ ଲକ୍ଷ୍ମୀ ମନ୍ଦିର ନିକଟସ୍ଥ ଅନୁ ଗ୍ରୋସରି ଷ୍ଟୋର ମଧ୍ୟରୁ ଏକ ଅଚହ୍ନା ଯୁବକ ଗ୍ରୋସରି କିଣିବା ବାହାନାରେ ଯାଇ ଆଣ୍ଡ୍ରୋଏଡ୍ ମୋବାଇଲ ଧରି ଚମ୍ପଟ ମାରିଛି । ଯାହାକି ସେହି ଗ୍ରୋସରି ଦୋକାନର ସିସି ଟିଭି ରେ ରେକର୍ଡ ହୋଇଛି ।ସେହିଭଳି ଦୁର୍ଗା ବଜାର ରେ ମଧ ଏକ ମୋବାଇଲ ଚୋରୀ ହୋଇଥିଲା ।ପୂର୍ବରୁ ଏମିତି ବହୁ ମୋବାଇଲ ଚୋରୀ ଓ ମୋଟର ସାଇକେଲ ଚୋରୀ ହୋଇଥିଲେ ମଧ ଦଶପଲ୍ଲା ପ୍ରଶାସନ ଚୋର କୁ ଧରିବାରେ ସଫଳ ହେଉନାହାନ୍ତି । ପୂର୍ବରୁ ନୟାଗଡ଼ ଜିଲ୍ଲା ଏସ ପି ରାହୁଲ ଜୈନ ଏବଂ ଦଶପଲ୍ଲା ପୂର୍ବତନ ଥାନା ଅଧିକାରୀ ମୁକେଶ କୁମାର ବେହେରା ଙ୍କ ସମୟରେ ଚୋରୀ ମୋବାଇଲ ଓ ମୋଟର ସାଇକେଲ ଧରିବା ସହିତ ଅଭିଯୋଗ କାରୀଙ୍କୁ ହସ୍ତାନ୍ତର କରିଥିଲେ । କିନ୍ତୁ ଏବେ ଚୋରଙ୍କ ପାଦୁର୍ଭାବ ଅଧିକ ହେଉଥିବା ଜଣାପଡୁଛି । ସନ୍ଧ୍ୟା ସମୟରେ ଗ୍ରୋସରି ଦୋକାନ ର ମାଲିକ ସେହି ଚୋରକୁ କାବୁ କରି ଦଶପଲ୍ଲା ପୋଲିସ ଜିମା ଦେଇଥିଲେ ।ଦେଖ କେବେ ଚୋରୀ ଶଢ ଉଭାନ ହେଉଛି ।

## ଉଜୁଡୁଛି ଜଗନ୍ନାଥ ବନ ପ୍ରକଳ୍ପ

# କାଟି ନେଉଛନ୍ତି ଗଛ : ପ୍ରତିବର୍ଷ ଦେଖାଦେଉଛି ରଥକାଠ ସଂକଟ

ଦଶପଲ୍ଲା, ( ମହାଭାରତ ) : ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ଏବେ ରଥକାଠ ସଂଗ୍ରହ କରିବା ସଂକଟଜନକ ସ୍ଥିତିରେ ପହଞ୍ଚିଲାଣି । ଯାହାକୁ ନେଇ ଗତ ୨ ତାରିଖ ଦିନ ଶ୍ରୀମନ୍ଦିର ପରିଚାଳନା କମିଟି ପକ୍ଷରୁ ବସିଥିବା ପ୍ରଥମ ସମନ୍ୱୟ ବୈଠକରେ ଉଦ୍ବେଗ ପ୍ରକାଶ ପାଇଛି । ରଥଯାତ୍ରା ପାଇଁ କାଠ ଅଭାବ ଶ୍ରୀମନ୍ଦିର ପ୍ରଶାସନ ପାଇଁ ଚିନ୍ତା ବଢ଼ାଇ ଦେଇଛି । ଚଳିତବର୍ଷ ନୟାଗଡ଼, ବୌଦ୍ଧ ଓ ଘୁମୁସର ବ୍ୟତୀତ ବରଗଡ଼ରୁ ପ୍ରଥମଥର କାଠ ସଂଗ୍ରହ ହୋଇଛି । ଯେଉଁକାଠ ଦିନେ ନୟାଗଡ଼ ବନଖଣ୍ଡର ଦଶପଲ୍ଲା ବନାଞ୍ଚଳରୁ ଯୋଗାଇ ଦିଆଯାଉଥିଲା ତାହା ଏବେ ଧୀରେଧୀରେ ପରିବ୍ୟାପ୍ତ ହୋଇ ରାଜ୍ୟର ଗୋଟିଏ ପରେ ଗୋଟିଏ ବନଖଣ୍ଡକୁ ବ୍ୟାପିବାରେ ଲାଗିଛି । ବଡ଼କଥା ହେଉଛି, ଭବିଷ୍ୟତକୁ ଆଖି ଆଗରେ ରଖି ରଥକାଠ ସଂକଟକୁ



ଦୂର କରିବା ପାଇଁ ପ୍ରାୟ ୧୫ ବର୍ଷ ତଳେ ଦଶପଲ୍ଲା ବନାଞ୍ଚଳର ବିଭିନ୍ନ ସେକ୍ସନରେ ଜଗନ୍ନାଥ ବନ ପ୍ରକଳ୍ପ ମାଧ୍ୟମରେ ରଥ ନିର୍ମାଣ ନିମନ୍ତେ ଉଦ୍ଦିଷ୍ଟ ଚାରାରୋପଣ କରାଯାଇଥିଲା । ଉପଯୁକ୍ତ ଚକ୍ଷଣାବେକ୍ଷଣ ଅଭାବକୁ ନେଇ ମାଫିଆ ମାନେ ସେସବୁ ଗଛକୁ କାଟି ନେଉଥିବା ବେଳେ ଧୀରେ ଧୀରେ ତାହା ଧ୍ୱଂସ ପାଇବାରେ ଲାଗିଛି । ଦଶପଲ୍ଲା ବନାଞ୍ଚଳର ସାକେଣି, ବାଣିଗୋଛା, ଚଡ଼େୟାପଲ୍ଲୀ ଓ ସଦର ସେକ୍ସନର ବିଭିନ୍ନ ସ୍ଥାନରେ 'ଜଗନ୍ନାଥ ବନପ୍ରକଳ୍ପ ମାଧ୍ୟମରେ ଚାରା ରୋପଣ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ସାକେଣି ସେକ୍ସନର ବେବେରି ନିକଟସ୍ଥ ନିକ କମ୍ପାର୍ଟମେ□-୪ରେ ପ୍ରାୟ ୧୬ ହଜାର ଫାଶି ଚାରା ଲଗା ଯାଇଥିବା ବେଳେ ବାଣିଗୋଛା ସେକ୍ସନର ତୁମୁଡିବିଡା ଠାରେ ୩୫ ହେକ୍ଟର ପରିମିତ ସ୍ଥାନରେ ଅସନ, ଧଉରା, ଫାଶି ଓ ମଇ ଆଦି ୫୬ ହଜାର ଚାରାରୋପଣ କରାଯାଇଥିଲା । ସେହିଭଳି ସଦର ସେକ୍ସନର ରାଇସର ନିକଟସ୍ତ ଛଦେଶ ସଂରକ୍ଷିତ ଜଙ୍ଗଲରେ ୧୦ ହେକ୍ଟର ଜାଗାରେ ୧୬ ହଜାର ଫାଶି ଚାରା ରୋପଣ କରାଯାଇଥିଲା । ଯାହାର ଉଦ୍ଦେଶ୍ୟ ଥିଲା ଭବିଷ୍ୟତରେ ରଥକାଠର ଚାହିଦା ପୂରଣ କରିବ । ଏହି ଚାରାରୋପଣ ଓ ରକ୍ଷଣାବେକ୍ଷଣ ବାବଦରେ କୋଟିକୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ହେଲେ ସେସବୁ ଗଛ ଉପରେ ଏବେ ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡ଼ିଥିବା ଦେଖିବାକୁ ମିଳିଛି । କିଏ ସେସବୁ ଗଛ କାଟି ଇଟାଭାଟିକୁ ନେଲାଣି ତ ପୁଣି କିଏ କାଟି ନିଜ ଜମିରେ ମିଶାଇଲାଣି । ଯାହାକି ବେବେରି ଠାରେ ଥିବା ଫାଶି ଗଛ ଯେତିକି ବଡ଼ ହେଉଛି ସେସବୁ ଗଛକୁ କାଟି ନିଆଯାଉଥିବା ଦେଖିବାକୁ ମିଳିଛି । ସେହିଭଳି ଅନ୍ୟ ସବୁ ସ୍ଥାନରେ ମଧ୍ୟ ସମାନ ଅବସ୍ଥାୟ ଗଛ ଯେତିକି ବଡ଼ ହେଉଛି ସେସବୁ ଗଛକୁ ଲୋକ ମାନେ କାଟି ନେଉଛନ୍ତି । ଏପଟେ ରଥକାଠ ସଂକଟକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ଚିନ୍ତା ପ୍ରକଟ କରୁଥିବା ବେଳେ କୋଟିକୋଟି ଟଙ୍କା ବ୍ୟୟରେ ରୋପଣ ହୋଇଥିବା ଗଛ ଦିନକୁ ଦିନ ଉଜୁଡ଼ିବାରେ ଲାଗିଛି । ଯାହାକି ଭବିଷ୍ୟତରେ ରଥ ନିର୍ମାଣ ପାଇଁ ସଂକଟ ଜନକ ସ୍ଥିତି ଉପୁଜିବା ନେଇ ଜଗନ୍ନାଥ ପ୍ରେମୀଙ୍କ ମଧ୍ୟରେ ମତପ୍ରକାଶ ପାଉଥିବା ବେଳେ ଏହି ପ୍ରକଳ୍ପ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛ ।

## ଚାଲିଗଲେ ଦିବ୍ୟାଙ୍ଗ ଶିକ୍ଷକ, ଝୁରୁଛି ଗାଁ ଝୁରୁଛନ୍ତି ଛାତ୍ର ଛାତ୍ରୀ



ଅସ୍ତରଙ୍ଗ (ମହାଭାରତ )-ବିଧିର ବିଧାନ କେ କରିବ ଆନ ଯାହାର କବଳ ରେ କବଳିତ ହୋଇଯାଥିଲେ ଅସ୍ତରଙ୍ଗ ବ୍ଲକ ସରିପୁର ପଞ୍ଚାୟତ ମୁଦୁଗଲ ଗ୍ରାମର ସେତେବେଳର ଉଚ୍ଚ ଶିକ୍ଷିତ ନିରଞ୍ଜନ ଦୀକ୍ଷିତ । ହସ ଖୁସିର ସଂସାର ରେ ଘୋଟି ଆସିଲା କଳା ବାଦଲ ଦୁର୍ଘଟଣା ର ଶିକାର ହୋଇ ହୋଇଗଲେ ଦିବ୍ୟାଙ୍ଗ ହେଲେ ହାରି ନ ଯାଇ ସଙ୍ଘର୍ଷ କରିଥିଲେ କିନ୍ତୁ ଶେଷରେ ରେ ସେଇ ନିୟତିର ଶିକାର ହୋଇ ଅବେଳା ରେ ଆଖିବୁଜିଲେ । ଘଟଣା ଅନୁସାରେ୧. ୧. ୧୯୬୭ ମସିହାରେ ଜନ୍ମ ଗ୍ରହଣ କରିଥିବା ନିରଞ୍ଜନ ଦୀକ୍ଷିତ ବି.କମ ପାସ କରିବା ପରେ ପ୍ରଥମେ ଶିକ୍ଷକତା ଆରମ୍ଭ କରି ନିଜ ଗ୍ରାମ ସିଦ୍ଧେଶ୍ୱର ବିଦ୍ୟାପୀଠ ମୁଦୁଗଲ ରେ ସେକ୍ରେଟାରୀ ଥିଲେ । ସ୍ତ୍ରୀ ଦୁଇ ଝିଅ ଙ୍କ ଭରଣ ପୋଷଣ ପାଇଁ ଉଚ୍ଚ ଚାକିରୀ ପାଇଁ ୧୯୯୬ ମସିହା ରେ ଏକ ଏଣ୍ଟ୍ରାନ୍ସ ଦେବା ପାଇଁ ସ୍କୁଟର ରେ ଭୁବନେଶ୍ୱର ଯାଉଥିବା ସମୟରେ ଗୁଡ଼ିଆ ପୋଖରୀ ନିକଟରେ ଏକ ମଇଁଷି ହଠାତ ରାସ୍ତା କଡ଼ ରୁ ଆସି ତାଙ୍କ ସହିତ ମାଡ଼ ହେବାରୁ ସ୍କୁଟର ସହିତ ସେ ବଡ଼ ଦୁର୍ଘଟଣା ହୋଇଥିଲେ ଯାହା ଫଳରେ ତାଙ୍କର ସ୍ପାଇନାଲ କର୍ଡ ଆଘାତ ପାଇ ଚିପି ହୋଇଯାଇଥିଲା । ସଂଗେ ସଂଗେ ଚିକିତ୍ସା ପାଇଁ କଟକ ର ବଡ଼ ମେଡିକାଲ ରେ ଦେଢ଼ ମାସ କାଳ ପଡ଼ି ରହି ମୁଣ୍ଡ ର ଦୁଇ ପଟରେ କଣା କରାଯାଇ ଦଉଡ଼ି ସାହାଯ୍ୟ ରେ ଦୁଇଟା ଇଟା ଓହଳା ଯାଇ ମୁଣ୍ଡ କୁ ସିଧା କରାଯାଇଥିଲା । ଆସୁ ଆରୋଗ୍ୟ ଲାଭ କରିବା ପରେ ଡାକ୍ତର ଖାନାରୁ ଆସି କିଛି ଦିନ ଘରେ ରହିବା ପରେ ବନ୍ତିଲୋ ର ଏକ ଘରୋଇ ସ୍କୁଲ ରେ ଶିକ୍ଷକତା କରିଥିଲେ ଠିକ ସେହି ସମୟ ରେ ଦେହ ଟିକେ ଅଚଳ ହେବାରୁ ସେଠୁ ଆସି ଭିତ୍ତ କ୍ଷମ ସାଇକେଲ ରେ ଯାଇ ନିଜ ଗ୍ରାମ ଇଉପି ସ୍କୁଲ ରେ କିଛି ଦିନ କୋଚିଙ୍ଗ ଦେଇଥିଲେ ଓ ପରେ ମୁଦୁଗଲ ବାତ୍ୟା ଆଶ୍ରୟ ସ୍ଥଳୀରେ ରେ ଉଚ୍ଚ ଶ୍ରେଣୀ ପିଲାଙ୍କୁ କୋଚିଙ୍ଗ କରୁଥିଲେ ଓ ତା ମଧ୍ୟରେ କୋରନା ଆସିବାରୁ କୋଚିଙ୍ଗ ବନ୍ଦ ହୋଇଯାଇଥିଲା । ସେହିଦିନ ଠାରୁ ତାଙ୍କ ଦେହର ଅବନତି ଦିନକୁ ବଢି ବଢ଼ି ୨୦୨୪ ମସିହା କାର୍ତ୍ତିକ ପୂର୍ଣ୍ଣିମା ସମୟରେ ତାଙ୍କ ର ଦୁଇଟା ଯାକ କିଡନୀ ଖରାପ ହୋଯାଇଥିଲା ବିଭିନ୍ନ ଆଡେ ଅନେକ ଚିକିତ୍ସା ରେ ବିଫଳ ହେବା ପରେ ସରକାରୀ ସହାୟତା ପାଇଁ ଆଶା ବାନ୍ଧିଥିଲେ ସେ ଆଶା ଆଶାରେ ରହିବା ପରେ କିଛି ଦିନ ଆୟୁର୍ବେଦିକ ଟ୍ରିଟମେଣ୍ଟ ହୋଇ ଥିଲେ କିନ୍ତୁ ହଠାତ ଗୁରୁତର ହେବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ହାଇଟେକ୍ ମେଡିକାଲ ନିଆ ଯାଇଥିଲା ସେଠାରେ ରେ ୧୦ ଦିନି ଆଇସିୟୁ ରେ ରହି ବା ପରେ ଚଳିତ ମାସ ୧୩ ତାରିଖ ରାତ୍ର ୧.୪୦ରେ ସବୁଦିନ ପାଇଁ ଆଖି ବୁଜିଦେଲେ । ତାଙ୍କର ଦଶାହ ଏକାଦଶ ସରିଚି ଶତ କିନ୍ତୁ ନିଜ ବନ୍ଧୁ ପରିବାର ଙ୍କ ସହିତ ଗୁମୁରି କାନ୍ଦୁଚି ସାରା ଅଞ୍ଚଳ । ତାଙ୍କ ଶିକ୍ଷା ଦାନ ପାଇ ଯେଉଁମାନେ ଉଚ୍ଚ ପଦବୀରେ ଅଛନ୍ତି ସେମାନେ ଝୁରି ଝୁରି ଆଖିରୁ ଲୁହ ଗଡାଉଛନ୍ତି ।

## ଭୟାବହ ଅଗ୍ନିକାଣ୍ଡ: ୧୨ ବଖରା ଜଳିଗଲା, ୪ ଆହତ

ଭଦ୍ରକ/ବନ୍ତ/ଗଣିଜାଙ୍ଗ: ଭଦ୍ରକ ଜିଲ୍ଲା ବନ୍ତ ତହସିଲ ଅଧୀନ ଓଡ଼ଙ୍ଗ ପଞ୍ଚାୟତ ସରମରା ଗ୍ରାମରେ ଗତକାଲି ରାତି ଭୟାବହ ଅଗ୍ନିକାଣ୍ଡ ଘଟି ୬ ପରିବାରର ୧୨ ବଖରା ଘର ଜଳିଯାଇଛି । ସେହିପରି ୪ ଜଣ ପୋଡ଼ିଯାଇ ଆହତ ହୋଇଥିବା ବେଳେ ପ୍ରାୟ ୧୦ ଲକ୍ଷରୁ ଅଧିକ ଟଙ୍କାର ସମ୍ପତ୍ତି ପାଉଁଶ ହୋଇଛି । ଶନିବାର ରାତି ପ୍ରାୟ ୧୨ଟା ବେଳେ ସରମରା ଗ୍ରାମର କାଳନ୍ଦୀ ସାହୁଙ୍କ ଘରେ ଥିବା ଗ୍ୟାସ୍ ସିଲିଣ୍ଡର ଫାଟି ନିଆଁ ଲାଗି ଯାଇଥିଲା । ପ୍ରଚଣ୍ଡ ଶଢ ଶୁଣି ପ୍ରାଣବିକଳରେ ପରିବାର ସଦସ୍ୟମାନେ ବାହାରକୁ ପଳାଇ ଯାଇଥିଲେ । ନିଆଁ ଉଗ୍ରରୂପ ଧାରଣ କରିଥିଲା । ଚାହୁଁ ଚାହୁଁ ପଡ଼ୋଶୀ ହରେକୃଷ୍ଣ, ଅନାମ ସାହୁ, ସୁଭଦ୍ରା ସାହୁ, ତିଲୋତ୍ତମା ସାହୁ ଓ ମିନତି ସାହୁଙ୍କ ଘରକୁ ନିଆଁ ବ୍ୟାପୀ ଯାଇଥିଲା । ନିଆଁର ପ୍ରକୋପ ଏତେ



ଅଧିକ ଥିଲା ଯେ ଲିଭାଇବା ଗ୍ରାମବାସୀଙ୍କ ପକ୍ଷେ ସମ୍ଭବ ନଥିଲା । ଖବର ପାଇ ଆଗରପଡ଼ାରୁ ଦମକଳ ବାହିନୀ ଆସି ନିଆଁକୁ ଆୟ□ କରିଥିଲା । ହେଲେ ସେତେବେଳକୁ ସବୁକିଛି ଜଳିଯାଇଥିଲା । ଏଥିରେ ୬ଟି ପରିବାରର ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ସମ୍ପତ୍ତି ଜଳିଯାଇଛି । ଅନ୍ୟପଟେ ଘର ଭିତରୁ ସାମଗ୍ରୀ ବାହାର କରିବା ବେଳେ ହରେକୃଷ୍ଣ ସାହୁ, ମାଗୁଣି ସାହୁ, ଅନାମ ସାହୁ ଓ ହୃଷୀକେଶ ସାହୁ ଆହତ ହୋଇଛନ୍ତି । ଆଗରପଡ଼ା ମେଡିକାଲ୍ ଟିମ୍ ସମସ୍ତଙ୍କ ଚିକିତ୍ସା କରିଛି । ଆଜି ବନ୍ତ ତହସିଲଦାର ସାରା ହେମ୍ବ୍ରମ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ୪ଟି ବିପନ୍ନ ପରିବାରକୁ ପଲିଥିନ୍ ଯୋଗାଇ ଦେଇଛନ୍ତି । ତେବେ ୨ଟି ବିପତ୍ତ ପରିବାର ପଲିଥିନ୍ ପାଇବାରୁ ବଞ୍ଚିତ ହୋଇଛନ୍ତି । ଅନ୍ୟପଟେ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ସରମରାରେ ପହଞ୍ଚି ଅଗ୍ନିବିପନ୍ନଙ୍କୁ ଭେଟି ସମବେଦନା ଜଣାଇଛନ୍ତି ।

## ରେଳ ଦୁର୍ଘଟଣାରେ ଦୁଇ ଶ୍ରମିକ ମୃତ

ଦାନଗଦି :(ମହାଭାରତ) ଯଖପୁରା ଷ୍ଟେସନ ନିକଟରେ ରେଳ ଧକ୍କାରେ ଦୁଇଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି । ମୃତ ଶ୍ରମିକଙ୍କ ନାଲୁ ଦିଗାର (୪୫) ଓ ସାଗର ଦିଗାର (୩୫) ପଶ୍ଚିମବଙ୍ଗ ର ଦକ୍ଷିଣ ମେଦିନୀପୁର ଅ□ଳରେ ଜଣାପଡିଛି । ମୃତ ଶ୍ରମିକ ଦ୍ୱୟ ଯଖପୁରା ରୁ ଜେନାପୁର ପର୍ଯ୍ୟନ୍ତ ଚାଲିଥିବା ସିଗ୍ନାଲ କେବୁଲ ବିଛାଇବା କାର୍ଯ୍ୟ କରିଆସୁଥିଲେ । ଭୋଜନ ପାଇଁ ମଧ୍ୟାହ୍ନରେ ଶ୍ରମିକ ମାନେ ଜେନାପୁର ପଟରୁ ଯଖପୁରା ଷ୍ଟେସନ କୁ ଆସୁଥିଲାବେଳେ । ଏହି ସମୟରେ ପଛରୁ ଦୃତ ଗତିରେ ଆସୁଥିବା ଏକ ଏକ୍ସପ୍ରେସ୍ ଗାଡି ସମ୍ମୁଖରେ ଶ୍ରମିକ ଦୁଇଜଣ ଫସି ଯାଇଥିଲେ । ଗାଡ଼ି ଟି ସେମାନଙ୍କୁ ଧକ୍କା ଦେଇ ଘୋଷାଡ଼ି ନେଇଥିଲା । ଫଳରେ ଘଟଣା ସ୍ଥଳରେ ସେମାନଙ୍କ ମୃତ୍ୟୁ ଘଟିଥିଲା । ସ୍ଥାନୀୟ ଲୋକେ ରେଳବାଇ ପୁଲିସ କୁ ଖବର ଦେବା ପରେ ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

## ମୈଥାନ ଇସ୍ପାତରେ ଦୁର୍ଘଟଣା, କୋଇଲରେ ପୋତି ହୋଇ ଚାଳକ ମୃତ

ଦାନଗଦୀ : (ମହାଭାରତ)କଳିଙ୍ଗନଗର ଶିଳ୍ପା□ଳ ଯଖପୁରା ଥାନା ଅନ୍ତର୍ଗତ ମୈଥାନ ଇସ୍ପାତ କାରଖାନାରେ ଅଘଟଣ, କୋଇଲା ଷ୍ଟକ୍ ୟାର୍ଡରେ ଓଲଟିଲା ହାଓ୍ୱା । କୋଇଲା ଖଲାସ ବେଳେ ଘଟିଲା ଦୁର୍ଘଟଣା, ହାଓ୍ୱା ଚାଳକ ମୃତ, ଦାନଗଦି ମେଡିକାଲରେ ଚାଳକ ଙ୍କୁ ମୃତ ଘୋଷଣା କଲେ ଡାକ୍ତର, ମୃତ ଚାଳକ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ସାରବେଣୀ ଅଞ୍ଚଳର ସୋରେନ ମହାନ୍ତ (୩୮)ୟ ଏହି ଦୁର୍ଘଟଣା ରେ ପରିବାର ପକ୍ଷରୁ ତାଙ୍କ ସ୍ତ୍ରୀ କହିଛନ୍ତି ଆଜି ସକାଳ ୧୦ ଟା ସମୟରେ ସେ ଫୋନ କରିଥିଲେ ତାଙ୍କ ଫୋନ ରିସିଭ ହେଉଥିଲା, କିଛି ସମୟ ପରେ ବ୍ୟସ୍ତ ଥିବା କହିଲା ଗାଡି ମାଲିକ ଙ୍କୁ ଫୋନ କରିବାରୁ ସେ କହିଲେ ବୁଝିକି କହୁଛି ତାପରେ ସେ ଆଉ ଫୋନ ରିସିଭ କଲେ ନାହିଁ, ତାଙ୍କ ସାଙ୍ଗ କୁ ଫୋନ କରିବାରୁ ସେ କହିଲେ ତମ ସ୍ୱାମୀ କୋଇଲା ରେ ପୋତି ହୋଇ ଯାଇ ଚେତା ଶୂନ୍ୟ ହୋଇଯାଇନ୍ତି ତମେ ମେଡିକାଲ ଆସ, ତେଣୁ ଆମକୁ ସନ୍ଦେହ ହେଉଛି ଏହାର ସତ୍ୟା ସତ୍ୟ ତଦନ୍ତ ହେଉ ଓ ମୁଁ ଗରିବ ଲୋକ ମୋର ଗୋଟେ ଝିଅ ଓ ଗୋଟେ ପୁଅ ସେମାନଙ୍କୁ କିପରି ପୋଷିବି, ତେଣୁ କ୍ଷତି ପୂରଣ ସହ ମୋତେ ଗୋଟେ ଚାକିରୀ ଦିଆଯାଉ, କୋଇଲା ପରିବହନ କରୁଥିବା ଠିକାଦାର ସ୍ଥାନୀୟ ଅଞ୍ଚଳ ର ମାନପୁର ପ୍ଲଟ ରୁ କୋଇଲା ଲୋଡ଼ିଙ୍ଗ ହୋଇ ମୈଥାନ ଯାଉଥିବା ବେଳେ ମାଲିକ ସ୍ଥାନୀୟ ଅଞ୍ଚଳ ର ହୋଇଥିବା ଜଣା ପଡିଛି, ଯଖପୁରା ପୋଲିସ ଶବ ବ୍ୟବେଛେଦ ପାଇଁ ଦାନଗଦି ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତୀ କରି ଘଟଣାର ତଦନ୍ତ ଜାରୀ ରଖିଛି ।

## ଧଆଁରାଖମନରେ କିଡନ୍ନୀ ରୋଗରେ ଗଲାଣି ୧୪ ଜୀବନ, ଏବେ ବି ଜୀବନ ସହ ସଂଗ୍ରାମ କରୁଛନ୍ତି ୧୯ ଜଣ

କର୍ଲାମୁଣ୍ଡା: କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ୍ ଗଜବାହାଲ ପଞ୍ଚାୟତ ଓ ବଲାଙ୍ଗୀର ଜିଲ୍ଲାର ସୀମାରେ ରହିଛି ଧଆଁରାଖମନ ଗାଁ । ବ୍ଲକ୍ ସଦର ମହକୁମାଠାରୁ ପ୍ରାୟ ୧୫ କିଲୋମିଟର ଦୂରରେ ଥିବା ଏହି ଗାଁର ପରିବାର ସଂଖ୍ୟା ୯୦ । ଗାଁ ଲୋକେ ମୂଲମଜୁରି ଲାଗି ପେଟ ପୋଷନ୍ତି । ଏହି ଗାଁରେ କିଡ୍ନି ରୋଗ କାୟାବିସ୍ତାର କରିବା ସହ ପ୍ରାଣଘାତୀ ସାଜିଛି । ଗଲା କିଛିବର୍ଷ ମଧ୍ୟରେ କିଡ୍ନି ରୋଗରେ ୧୪ ଜଣଙ୍କ ମୃତ୍ୟୁ ଘଟିସାରିଲାଣି । ଏବେ ବି ଗାଁର ୧୯ ଜଣ କିଡ୍ନି ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅଛନ୍ତି ।ଗ୍ରାମବାସୀଙ୍କ କହିବା ଅନୁସାରେ, ଗତ କିଛି ବର୍ଷ ମଧ୍ୟରେ ମାଡ୍ରାସ ଭୋଇ, ଚନ୍ଦ୍ରଶେଖର ଭୋଇ, ମୁନିବର ଭୋଇ, ସାଦିନୀ ଭୋଇ, ଈଶ୍ୱର ଭୋଇ, ବିମନୀ ଭୋଇ,



ମହାଦେବ ଭୋଇ, ପିତାମ୍ବର ପୁଟେଲ, ବିଶ୍ୱାମିତ୍ର ପୁଟେଲ, ରୂପ ମାଝୀ, ଜିତେନ୍ଦ୍ର ଭୋଇ, ଦମନ ଭୋଇ, ଉପେଶ୍ୱର ଭୋଇ, ସରସ୍ୱତୀ ପୁଟେଲଙ୍କ ସମେତ ୧୪ରୁ ଅଧିକ ମହିଳା ପୁରୁଷ କିଡ୍ନି ରୋଗରେ ପ୍ରାଣ ହରାଇଛନ୍ତି । ସେହିପରି ଗାଁର ମୋତିଲାଲ ପୁଟେଲ, ଚୂଡ଼ାମଣି ପୁଟେଲ, ଜଗବନ୍ଧୁ ପୁଟେଲ, ଚନ୍ଦ୍ରମଣି ଭୋଇ, ଯମୁନା ଜାନୀ, ମହାଦେବ ପୁଟେଲ, ମଚିନ୍ଦ୍ର ଭୋଇ, କିଆ ଭୋଇ, ନାଥ ଭୋଇ, ମିଥିଳା ଭୋଇ, ଧବଳେଶ୍ୱର ଭୋଇ, ବନିତା ପୁଟେଲ, ଦୟାସାଗର ରଣା, ଯୋଗୀନ୍ଦ୍ର ଭୋଇ, କୁଞ୍ଜବନ ଭୋଇ ପ୍ରମୁଖ ୧୯ରୁ ଅଧିକ ବ୍ୟକ୍ତି ଏହି ରୋଗରେ ଚିକିତ୍ସାଧୀନ ଅଛନ୍ତି । ଆକ୍ରାନ୍ତମାନେ ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କଲେଣି । ତଥାପି ସେମାନେ ଜୀବନ ସହ ସଂଗ୍ରାମ କରୁଥିବା ଗ୍ରାମର ସ୍ୱେଚ୍ଛାସେବୀ ବଳଦେବ ଭୋଇ, ବିଶ୍ୱମ୍ବର ଭୋଇ କହିଛନ୍ତି । କର୍ଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ଥିତି ଅନୁଧ୍ୟାନ କରାଯାଇଥିଲେ ହେଁ କେଉଁ କାରଣରୁ ଲୋକେ କିଡ୍ନି ରୋଗରେ ଆକ୍ରାନ୍ତ ହେଉଛନ୍ତି ତାହା ସ୍ପଷ୍ଟ ହୋଇ ପାରୁ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ପଚରାଯିବାରୁ ସର୍ଭେ କରାଯିବ ବୋଲି ସେ କହିଛନ୍ତି । ରାଜ୍ୟ ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି ।

## 'ରତ୍ନଚିରା'ର ଚତୁର୍ଥ ସ୍ୱନକ୍ଷତ୍ର ଉତ୍ସବ

ଭୁବନେଶ୍ୱର,: ଶୃଙ୍ଖଳା ଓ ନିୟମ ମାନିବାର ଅଭ୍ୟାସ ଆମର ସାମୂହିକ ଜୀବନକୁ ତିଆରି କରେ । ମାତ୍ର ବର୍ତ୍ତମାନ ସମୟରେ ଏଥିରେ ବ୍ୟତିକ୍ରମ ଘଟୁଛି । ଆମେ କେଣସି ଅନୁଷ୍ଠାନକୁ ମାନୁ ନାହୁଁ । ଏଭଳି ମାନସିକତା ନୂଆ ପିର ନେତାମାନଙ୍କ ମନରେ ଦେଖିବାକୁ ମିଳୁଛି । ଭାଷା ଓ ଭାବର ଅଭାବ କାରଣରୁ ସଂସଦରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି । ଏହାର ପ୍ରତିକାର ଆବଶ୍ୟକତା ରହିଛି । ନାଗରିକ ସମାଜର ଏହି ଅବକ୍ଷୟ ବିରୋଧରେ ସାହିତ୍ୟିକମାନେ ସ୍ୱର ଉତ୍ତୋଳନ କରି ପଥଚ୍ୟୁତ ବ୍ୟବସ୍ଥାକୁ ବାଟକୁ ଆଣିପାରିବେ । ସାହିତ୍ୟିକମାନେ ହିଁ ରାଜନୀତିରେ ସଂସ୍କାର ଆଣିପାରିବେ ।

## ଏକଲବ୍ୟ ଟ୍ୟୁଟୋରିଆଲର ସମସ୍ତ ଛାତ୍ରଛାତ୍ରୀ ଯୁକ୍ତ ଦୁଇ କଳାରେ କୃତିତ୍ୱ ସେଥିରୁ ୨୭ ପ୍ରଥମ

ନୂଆଗାଁ (ମହାଭାରତ ) : ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ସଦରମହକୁମାରେ ଥିବା ଏକଲବ୍ୟ ଟ୍ୟୁଟୋରିଆଲର ଛାତ୍ରୀ ବର୍ଷା ବାରିକ ଚଳିତ ବର୍ଷ ଯୁକ୍ତ ଦୁଇ କଳାରେ ସର୍ବାଧିକ ୫୧୪ ନମ୍ବର ରଖି ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି । ଉକ୍ତ ଅନୁଷ୍ଠାନରେ ମୋଟ ୬୯ ଜଣ ଛାତ୍ରଛାତ୍ରୀ କୋଚିଙ୍ଗ ନେଉଥିବା ବେଳେ ସେଥି ମଧ୍ୟରୁ ପ୍ରଥମ ଶ୍ରେଣୀରେ ୨୭ ଜଣ ଓ ଦ୍ୱିତୀୟ ଶ୍ରେଣୀରେ ୧୨ ଜଣ ଏବଂ ତୃତୀୟ ଶ୍ରେଣୀରେ ୩୦ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ଯାହାକି ସମସ୍ତ ଛାତ୍ରଛାତ୍ରୀ ଯୁକ୍ତ ଦୁଇ କଳାରେ କୃତିତ୍ୱ ଅର୍ଜନ କରି ଅନୁଷ୍ଠାନ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି । ଏହି ଅନୁଷ୍ଠାନ ୨୦୨୨ ମସିହାରୁ ଅଦ୍ୟାବଧି ତିନିବର୍ଷ ଧରି ଆଶାନୁରୂପ ଫଳ ଦେଇ ଆସିଛି । ଅଭିଜ୍ଞ ଅଧ୍ୟାପକ ମାନଙ୍କ ଦ୍ୱାରା ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ତମ ଶିକ୍ଷା ଦେବା ସହ ଭଲ ସଫଳତା ଦେଇ ଆସୁଥିବାରୁ ଅନୁଷ୍ଠାନର ମୁଖ୍ୟପୁରୁଧା ମାନସ ରଞ୍ଜନ ପ୍ରଧାନ ଙ୍କୁ ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ ସାଧୁବାଦ ଜଣାଇଛନ୍ତି । ଏହି ଅନୁଷ୍ଠାନଟି ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କ ପାଇଁ ପ୍ରଥମ ପସନ୍ଦ ପାଲଟିଛି ।

# ଅସ୍ତିତ୍ୱ ହରାଉଛି ସୁନ୍ଦର ନଦୀ

ଖଡ଼ିଆଳ: ନୂଆପଡ଼ା ଜିଲ୍ଲାର ଖଡ଼ିଆଳ ଓ କୋମନା ବ୍ଲକ୍ ଦେଇ ସୁନ୍ଦର ନଦୀ ପ୍ରବାହିତ ହେଉଛି । ଦିନ ଥିଲା ଏହି ନଦୀର ଶଯ୍ୟା ବାଲିରେ ଭର୍ତ୍ତି ରହିଥିଲା । ହେଲେ ବର୍ତ୍ତମାନ ନଦୀଶଯ୍ୟା ଲତାବୁଦାରେ ଭର୍ତ୍ତି ହୋଇରହିଛ । ଜଳବାୟୁ ପରିବର୍ତ୍ତନର ପ୍ରଭାବ ଓ ବାଲି ଚୋରାଚାଲାଣ ଯୋଗୁଁ ଏପରି ସ୍ଥିତି ହୋଇଥିବା ପରିବେଶବିତ୍ମାନେ



ମତପ୍ରକାଶ କରିଛନ୍ତି । ସୁନ୍ଦର ନଦୀ ସୁନାବେଡ଼ା ଅଭୟାରଣ୍ୟରୁ ବାହାରି ୧୦୦ କିମିରୁ ଅଧିକ ବାଟ ଅତିକ୍ରମ କରିବା ପରେ ଶେଷରେ ଏହା ବଲାଙ୍ଗୀର ଓ ନୂଆପଡ଼ା ଜିଲ୍ଲାର ସୀମାନ୍ତ ତୁକଲାଠାରେ ଇନ୍ଦ୍ର ନଦୀରେ ମିଶିଛି । ୨୦୦୧ ମସିହାରେ ସୁନ୍ଦର ନଦୀର ଜଳକୁ କୋମନା ବ୍ଲକ୍ ଓ ଖଡ଼ିଆଳ ବ୍ଲକ୍ର ମଧ୍ୟବର୍ତ୍ତୀ ଅଞ୍ଚଳ ସାନମହେଶ୍ୱର ପଞ୍ଚାୟତର ତିଖାଲି ଗ୍ରାମଠାରେ ଅଟକାଯାଇ ସେଠାରେ ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପ ପକ୍ଷରୁ ତିଖାଲି ଡ୍ୟାମ୍ ନିର୍ମାଣ କରାଯାଇଛି । ବ□ମାନ ସୁନ୍ଦରନଦୀ ନୂଆପଡ଼ା ଓ ବଲାଙ୍ଗୀର ଜିଲ୍ଲାର ଚାଷୀଙ୍କ ଜୀବନରେଖା ପାଲଟିଛିୟ ନଦୀକୂଳରେ ବସବାସ କରୁଥିବା ଗ୍ରାମବାସୀ ସ୍ନାନଶୌଚ, ପାନୀୟଜଳ, ଜଳସେଚନ ଇତ୍ୟାଦି କାର୍ଯ୍ୟ ପାଇଁ ସୁନ୍ଦରନଦୀ ଉପରେ ନିର୍ଭରଶୀଳ ।ହେଲେ ଗତ କିଛିବର୍ଷ ଧରି ନଦୀରୁ ବେଆଇନ ବାଲି ଚାଲାଣ ଯୋଗୁଁ ନଦୀର ଅବସ୍ଥା ଶୋଚନୀୟ ହୋଇଗଲାଣି । ପୁଣି ଜଳବାୟୁ ପରିବର୍ତ୍ତନର ପ୍ରଭାବ ମଧ୍ୟ ନଦୀ ଉପରେ ପଡ଼ିଛି । ନଦୀଶଯ୍ୟାରେ ଏବେ ବାଲି ବଦଳରେ ଅନାବନା ଲତାବୁଦାର ଜଙ୍ଗଲ ସୃଷ୍ଟି ହେଲାଣି । ଫଳରେ ନଦୀ ତା'ର ଅସ୍ତିତ୍ୱ ହରାଇବାକୁ ବସିଛି ।

## ସରକାରୀ ମେଡିକାଲ କଲେଜରେ ଗ୍ୟାସ୍ ଲିକ୍

ଲକ୍ଷ୍ନୌ : ଉତ୍ତରପ୍ରଦେଶର ଶାହଜାହାନପୁରର ସରକାରୀ ମେଡିକାଲ କଲେଜରେ ଗ୍ୟାସ୍ ? ଲିକ୍ ଯୋଗୁ ରୋଗୀମାନଙ୍କୁ ତୁରନ୍ତ ୱାର୍ଡରୁ ବାହାରକୁ ନିଆଯାଇଥିଲା। ସୂଚନା ଅନୁଯାୟୀ, ଗ୍ୟାସ ଲିକ୍ ଯୋଗୁ ଲୋକମାନେ ନିଃଶ୍ୱାସ ନେବାରେ ଅସୁବିଧା ଭୋଗ କରିଥିଲେ। ଗ୍ୟାସ୍ ଲିକ୍ ସମ୍ପର୍କରେ ସୂଚନା ପାଇବା ପରେ, ଅଗ୍ନିଶମ ବାହିନୀ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅପରେଶନ ଥିଏଟରରୁ ଗ୍ୟାସ ଲିକ୍ ହେବା ପରେ ସେଠାରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଗ୍ୟାସ ଲିକ ଯୋଗୁ ଯେତେବେଳେ ଭର୍ତ୍ତି ହୋଇଥିବା ରୋଗୀମାନଙ୍କୁ ନିଃଶ୍ୱାସ ନେବାରେ ଅସୁବିଧା ହେଲା, ସେମାନଙ୍କ ସମ୍ପର୍କୀୟମାନେ ରୋଗୀମାନଙ୍କୁ ବାହାରକୁ ନେଇ ଦୌଡ଼ିବାକୁ ଲାଗିଲେ। ଯାହା ଯୋଗୁ ମେଡିକାଲ କଲେଜରେ ଉତ୍ତେଜନାମୂଳକ ପରିବେଶ ସୃଷ୍ଟି ହୋଇଥିଲା। ମେଡିକାଲ କଲେଜର ପ୍ରିନ୍ସିପାଲ ଡାକ୍ତର ରାଜେଶ କୁମାର କହିଛନ୍ତି, ଟ୍ରମା ସେଣ୍ଟରରେ ଥିବା ଓଟିରୁ ଫର୍ମାଲାଇନ ଗନ୍ଧ ଆସୁଥିବାରୁ ରୋଗୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେ କହିଛନ୍ତି, ଗ୍ୟାସ୍ ଲିକ୍ ବିଷୟରେ ସୂଚନା ପାଇବା ପରେ, ରୋଗୀଙ୍କ ସହ କର୍ମଚାରୀମାନେ ରୋଗୀମାନଙ୍କୁ ନେଇ ଦୌଡ଼ିବା ଆରମ୍ଭ କରିଥିଲେ, ଯାହା ଫଳରେ ଘଟଣାସ୍ଥଳରେ ଆତଙ୍କ ଖେଳିଯାଇଥିଲା। ତଥାପି ପରିସ୍ଥିତି ସ୍ୱାଭାବିକ ଅଛି ଏବଂ ସମସ୍ତ ରୋଗୀଙ୍କୁ ମେଡିକାଲ କଲେଜକୁ ଫେରାଇ ନିଆଯାଉଛି। ଏହି ଘଟଣାଟି କୋତୱାଲି ଥାନା ଅଞ୍ଚଳରେ ଅବସ୍ଥିତ ପଣ୍ଡିତ ରାମ ପ୍ରସାଦ ବିସ୍ମିଲ ସ୍ୱୟଂଶାସିତ ରାଜ୍ୟ ମେଡିକାଲ କଲେଜରେ ଘଟିଛି। ଜିଲାପାଳ ଧର୍ମେନ୍ଦ୍ର ପ୍ରତାପ ସିଂହ ଘଟଣାର ସତ୍ୟାସତ୍ୟ ପ୍ରମାଣ କରି କହିଛନ୍ତି ।ଯେ, ଅପରେଶନ ଥିଏଟର (ଓଟି)ରୁ ଗ୍ୟାସ୍ ଲିକ୍ ହୋଇଥିଲା। ଘଟଣା ବିଷୟରେ ସୂଚନା ସଂଗ୍ରହ କରାଯାଉଛି। ଏହି ଘଟଣାରେ କୌଣସି ଜୀବନହାନି ହୋଇନାହିଁ ବୋଲି ସେ କହିଛନ୍ତି। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ପୋଲିସ ଏବଂ ଅଗ୍ନିଶମ ବାହିନୀ ଦଳ ଘଟଣାସ୍ଥଳରେ ପହଞ୍ଚିଛନ୍ତି, ପରିସ୍ଥିତି ନିୟନ୍ତ୍ରଣରେ ଥିବା ସେ କହିଛନ୍ତି।

## ଟ୍ରମ୍ପଙ୍କ ଆଗରେ ଗର୍ଜିଲେ ଥରୁର

ନୂଆଦିଲ୍ଲୀ : କଂଗ୍ରେସ ଏମପି ଶଶି ଥରୁରଙ୍କ ନେତୃତ୍ୱରେ ଏକ ସର୍ବଦଳୀୟ ପ୍ରତିନିଧି ଦଳ ଆମେରିକା ସମେତ ପାଞ୍ଚଟି ଦେଶରେ ଭାରତର ଆତଙ୍କବାଦ ବିରୋଧୀ ନୀତି ଏବଂ ଦୃଢ଼ ଆଭିମୁଖ୍ୟକୁ ବିଶ୍ୱ ସମୁଦାୟ ଆଗରେ ଉପସ୍ଥାପନ କରିବା ପାଇଁ ଗସ୍ତ କରୁଛନ୍ତି। ଏହି ପ୍ରତିନିଧି ଦଳ ଗୁୟାନା, ପାନାମା, କଲମ୍ବିଆ, ବ୍ରାଜିଲ ଏବଂ ଆମେରିକା ପରିଦର୍ଶନ କରି ଆତଙ୍କବାଦ ବିରୁଦ୍ଧରେ ଭାରତର ଅନୁଭବ ଏବଂ ନୀତିକୁ ସ୍ପଷ୍ଟ କରିବେ। ଶଶି ଥରୁର ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି, "ଆମେ ପାଞ୍ଚଟି ଦେଶକୁ ଯାଉଛୁ ଏକ ସର୍ବଦଳୀୟ ପ୍ରତିନିଧି ଦଳର ନେତୃତ୍ୱ ନେଇ, ଯେଉଁଠାରେ ଆମେ ଦେଶ ପାଇଁ କହିବୁ, ଆମେ ଯେଉଁ ଭୟଙ୍କର ସଙ୍କଟର ସମ୍ମୁଖୀନ ହୋଇଛୁ, ଯେଉଁଠାରେ ଆମ ଦେଶ ଆତଙ୍କବାଦୀମାନଙ୍କ ଦ୍ୱାରା ନିର୍ମମ ଭାବେ ଆକ୍ରମଣର ଶିକାର ହୋଇଛି, ତାହା ବିଷୟରେ ଆଲୋଚନା କରିବୁ।" ସେ ଆହୁରି କହିଛନ୍ତି, "ଆମେ ଆଶା କରୁଛୁ ଯେ ଏହି ଆତଙ୍କବାଦୀ ଆକ୍ରମଣର ପରିଚାଳନା କରୁଥିବା ଏବଂ ଏହାକୁ ଅର୍ଥ, ପ୍ରଶିକ୍ଷଣ, ପ୍ରସ୍ତୁତି ଏବଂ ନିର୍ଦ୍ଦେଶ ଦେଉଥିବା ଲୋକମାନେ ଏଥିରୁ ଶିକ୍ଷା ନେଇଥିବେ। ଆମେ ବିଶ୍ୱକୁ ଏହା ମଧ୍ୟ ଜଣାଇବାକୁ ଚାହୁଁଛୁ ଯେ ଯଦି ଏପରି ଘଟଣା ପୁନରାବୃତ୍ତି ହୁଏ, ଆମେ ଚୁପ ରହିବୁ ନାହିଁ।" ଏହି ପ୍ରତିନିଧି ଦଳରେ ଭାଜପାର ତେଜସ୍ୱୀ ସୂର୍ଯ୍ୟ, ଶଶାଙ୍କ ମଣି ତ୍ରିପାଠୀ, ଭୁବନେଶ୍ୱର କାଳିତା, ଲୋକ ଜନଶକ୍ତି ପାର୍ଟି (ରାମ ବିଲାସ)ର ଶମ୍ଭବୀ ଚୌଧୁରୀ, ତେଲୁଗୁ ଦେଶମ ପାର୍ଟିର ଜି.ଏମ. ହରିଶ ବାଲାଯୋଗୀ, ଶିବସେନାର ମିଲିନ୍ଦ ଦେଓରା, ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ସରଫରାଜ ଅହମଦ ଏବଂ ପୂର୍ବତନ ଭାରତୀୟ ରାଷ୍ଟ୍ରଦୂତ ତରଞ୍ଜିତ ସିଂ ସନ୍ଧୁ ଅନ୍ତର୍ଭୁକ୍ତ। ଏହି ଦଳ ନ୍ୟୁୟର୍କରେ ୯/୧୧ ସ୍ମାରକୀ ପରିଦର୍ଶନ କରିବେ, ଯାହା ଭାରତର ଆତଙ୍କବାଦର ଶିକାର ହେବାର ଅନୁଭବକୁ ସ୍ମରଣ କରାଇବ। ଥରୁର ନ୍ୟୁୟର୍କରେ ୯/୧୧ ସ୍ମାରକୀ ବାହାରେ ଗଣମାଧ୍ୟମକୁ କହିଛନ୍ତି, "ଏହି ପରିଦର୍ଶନ ଆମକୁ ସ୍ମରଣ କରାଉଛି ଯେ ଆମେରିକା ପରି ଭାରତ ମଧ୍ୟ ଆତଙ୍କବାଦର ଶିକାର ହୋଇଛି। ଆମେ ବିଶ୍ୱକୁ ଏହା ଜଣାଇବାକୁ ଚାହୁଁଛୁ ଯେ ଆତଙ୍କବାଦ ବିରୁଦ୍ଧରେ ଆମକୁ ଏକଜୁଟ ହେବାକୁ ହେବ।" ସେ ଆହୁରି କହିଛନ୍ତି, "ଆତଙ୍କବାଦୀମାନେ ଏବଂ ସେମାନଙ୍କୁ ସମର୍ଥନ କରୁଥିବା ଲୋକମାନେ ନିଶ୍ଚିତ ଭାବେ ନ୍ୟାୟର ସମ୍ମୁଖୀନ ହେବେ। ଆମେ ଏପରି ଆକ୍ରମଣକାରୀମାନଙ୍କୁ ଖୋଜି ବାହାର କରିବୁ ଏବଂ ଏହା ପୁନରାବୃତ୍ତି ହେଲେ ଆମେ ଚୁପ ରହିବୁ ନାହିଁ।" ଏହି ଗସ୍ତ ଅପରେସନ ସିନ୍ଦୂର ପରିପ୍ରେକ୍ଷୀରେ ହେଉଛି, ଯେଉଁଠାରେ ଭାରତ ସୀମାପାର ଆତଙ୍କବାଦ ବିରୁଦ୍ଧରେ କଠୋର ପଦକ୍ଷେପ ଗ୍ରହଣ କରିଛି। ଏହି ପ୍ରତିନିଧି ଦଳ ସରକାରୀ ଅଧିକାରୀ, ଏମପି, ଥିଙ୍କ ଟ୍ୟାଙ୍କ ଏବଂ ଗଣମାଧ୍ୟମ ସହ ଆଲୋଚନା କରି ଭାରତର ଶାନ୍ତି, ଗଣତନ୍ତ୍ର ଏବଂ ସ୍ୱାଧୀନତାର ମୂଲ୍ୟବୋଧକୁ ସମର୍ଥନ କରିବେ। ଏହି ଗସ୍ତ ଭାରତର ଆତଙ୍କବାଦ ବିରୋଧୀ ନୀତିକୁ ବିଶ୍ୱ ସମୁଦାୟ ଆଗରେ ସ୍ପଷ୍ଟ କରିବା ସହ ଆନ୍ତର୍ଜାତୀୟ ସହଯୋଗ ଏବଂ ସମର୍ଥନ ଆକର୍ଷଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

# ଭାରତକୁ ଡରୁଛି ପାକିସ୍ତାନ

ନୂଆଦିଲ୍ଲୀ : ପାକିସ୍ତାନର ଅସ୍ତିତ୍ୱ ପ୍ରତି ଭାରତ ବିପଦ। ପାକିସ୍ତାନ ନିଜେ ଏହା ମଣେନ କରୁଛି। ଆମେରିକାର ଡିଫେନ୍ସ ଇଣ୍ଟେଲିଜେନ୍ସ ଏଜେନ୍ସୀ ପକ୍ଷରୁ ପ୍ରକାଶିତ 'ବିଶ୍ୱବ୍ୟାପୀ ବିପଦ ଆକଳନ ରିପୋର୍ଟ ୨୦୨୫'ର ତଥ୍ୟ ଏହା କହୁଛି। କିନ୍ତୁ ଚୀନକୁ ତା'ର ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ମନେ କରୁଛି ଭାରତ। ପାକିସ୍ତାନକୁ ନିଜ ସୁରକ୍ଷା ସହିତ ଜଡ଼ିତ ସମସ୍ୟା ବୋଲି ମନେ କରେ ଭାରତ ଓ ଏହାକୁ ସେ ସମ୍ଭାଳି ପାରିବ ବୋଲି ମନେ କରେ। ଏହି ରିପୋର୍ଟରେ କୁହାଯାଇଛି, ପାକିସ୍ତାନ ତା'ର ଅସ୍ତିତ୍ୱ ପାଇଁ ଭାରତ ବିପଦ ବୋଲି ମନେ କରୁଛି। ପାକିସ୍ତାନ ତା'ର ସେନାର ଆଧୁନିକୀକରଣକୁ ଗୁରୁତ୍ୱ ଦେବ। ସେଥିରେ ସେ ପରମାଣୁ ଅସ୍ତ୍ରଶସ୍ତ୍ରର ଆଧୁନିକୀକରଣ ଉପରେ ମଧ୍ୟ ଗୁରୁତ୍ୱ ଦେବ। ପାକିସ୍ତାନ ତା'ର ପରମାଣୁ ଶସ୍ତ୍ରାଗାରର ଆଧୁନିକୀକରଣ କରୁଛି। ସାମୂହିକ ବିନାଶ ପାଇଁ ଉଦ୍ଦିଷ୍ଟ ଅସ୍ତ୍ରଶସ୍ତ୍ର ତିଆରି କରିବା ପାଇଁ ଏହା ବିଦେଶରୁ ସାମଗ୍ରୀ ଆଣୁଛି।



ପାକିସ୍ତାନ ଚୀନଠାରୁ ଆର୍ଥିକ ଓ ସାମରିକ ସହଯୋଗ ପାଉଛି। ପାକିସ୍ତାନ ସେନା ଚୀନ ସେନା ସହ ମିଶି ଅନେକ ସାମରିକ ଅଭ୍ୟାସ କରୁଛି। ସାମୂହିକ ବିନାଶ ପାଇଁ ଉଦ୍ଦିଷ୍ଟ ଅସ୍ତ୍ରଶସ୍ତ୍ର ତିଆରି କରିବା ପାଇଁ ପାକିସ୍ତାନ ବିଶେଷ ଭାବେ ଚୀନରୁ ଆନୁଷଙ୍ଗିକ ସାମଗ୍ରୀ ଆଣିବା ସହିତ ବୈଷୟିକ ସହାୟତା ମଧ୍ୟ ପାଉଛି। ବେଳେବେଳେ ସିଙ୍ଗାପୁର, ତୁର୍କୀ ଓ ୟୁଏଇ ବାଟ ଦେଇ ପାକିସ୍ତାନ ପାଖରେ ପହଞ୍ଚୁଛି ବିନାଶକାରୀ ଅସ୍ତ୍ରଶସ୍ତ୍ର ତିଆରି ପାଇଁ ଆବଶ୍ୟକ ସାମଗ୍ରୀ। ତେବେ ପାକିସ୍ତାନରେ କାମ କରୁଥିବା ଚୀନର ଶ୍ରମିକମାନଙ୍କୁ ଆତଙ୍କବାଦୀମାନେ ଆକ୍ରମଣ କରିବା ପରେ ଗୋଟିଏ ସମୟରେ ଏହି ଦୁଇ ଦେଶ ମଧ୍ୟରେ ମନୋମାଳିନ୍ୟ ଦେଖାଯାଇଥିଲା। ୨୦୨୪ରେ ପାକିସ୍ତାନରେ ଚୀନର ୭ ଜଣ ନାଗରିକଙ୍କୁ ହତ୍ୟା କରାଯାଇଥିଲା। ଭାରତ ବ୍ୟତୀତ ଆଫଗାନିସ୍ତାନ ଓ ଇରାନ ସହିତ ଲାଗିଥିବା ଝଗଡ଼ା, ଦେଶ ଭିତରେ ରହିଥିବା ସମସ୍ୟା- ଯେମିତିକି ବଲୁଚିସ୍ତାନର ବିଦ୍ରୋହ ଓ ଆତଙ୍କବାଦୀ କାର୍ଯ୍ୟକଳାପ ପାକିସ୍ତାନ ପାଇଁ ଚଳିତ ବର୍ଷ ଅନ୍ୟତମ ଶୀର୍ଷ ପ୍ରସଙ୍ଗ ହେବ ବୋଲି ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ଏହି ରିପୋର୍ଟ ପୂର୍ବାନୁମାନ କରିଛି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତିରକ୍ଷା ପ୍ରାଥମିକତା ସମ୍ଭବତଃ ଭାରତକୁ ବୈଶ୍ୱିକ ନେତୃତ୍ୱ (ଗ୍ଲୋବାଲ ଲିଡରଶିପ) ରୂପେ ପ୍ରସ୍ତୁତ କରିବା, ଚୀନର ମୁକାବିଲା କରିବା ଓ ନୂଆଦିଲ୍ଲୀର ସୈନ୍ୟ ଶକ୍ତି ବୃଦ୍ଧି କରିବା ଉପରେ କେନ୍ଦ୍ରିତ ହେବ। ଭାରତ ଚୀନକୁ ତା'ର ପ୍ରତିଦ୍ୱନ୍ଦ୍ୱୀ ମନେ କରେ। ମେ' ମାସରେ ଭାରତ ଓ ପାକିସ୍ତାନ ସେନା ମଧ୍ୟରେ ଲଢ଼େଇ ହୋଇଥିଲେ ହେଁ ପାକିସ୍ତାନକୁ ନିଜ ସୁରକ୍ଷା ସହିତ ଜଡ଼ିତ ସମସ୍ୟା ବୋଲି ମନେ କରେ ଭାରତ। ଏହି ରିପୋର୍ଟରେ ଭାରତ ପାକିସ୍ତାନ ଓ ପିଓକେରେ ଆତଙ୍କୀ ଠିକଣା ଉପରେ ଆକ୍ରମଣ କରିଥିବା କଥା ମଧ୍ୟ ଉଲ୍ଲେଖ ରହିଛି। 'ଭାରତ ମହାସାଗର'ରେ ଦ୍ୱିପାକ୍ଷିକ ପ୍ରତିରକ୍ଷା ଚୁକ୍ତି ଉପରେ ଭାରତ ଗୁରୁତ୍ୱ ଦେଉଛି। ଭାରତ ମହାସାଗର ଉପରେ ଚୀନର ପ୍ରଭାବକୁ ହ୍ରାସ କରିବାକୁ ଭାରତ ଏହା ଉପରେ ଗୁରୁତ୍ୱ ଦେଉଛି। ଏହି ରିପୋର୍ଟରେ ଭାରତ-ଚୀନ ସୀମା ବିବାଦ ଉପରେ ମଧ୍ୟ ଉଲ୍ଲେଖ କରାଯାଇଛି। ଉଭୟ ପକ୍ଷ ମଧ୍ୟରେ ସୀମା ବିବାଦର ସମାଧାନ ହୋଇନାହିଁ। ତେବେ ୨୦୨୦ର ସଂଘର୍ଷ ପରଠାରୁ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ହ୍ରାସ ପାଇଛି ବୋଲି ଏହି ରିପୋର୍ଟ ଦର୍ଶାଇଛି। ସେହିପରି ଚଳିତ ବର୍ଷ ପ୍ରତିରକ୍ଷା ସାମଗ୍ରୀ ପ୍ରସ୍ତୁତ ପାଇଁ ଭାରତ 'ମେଡ୍ ଇନ୍ ଇଣ୍ଡିଆ'କୁ ପ୍ରୋତ୍ସାହିତ କରିବ ବୋଲି ରିପୋର୍ଟରେ ଲେଖାଯାଇଛି। ସେନାର ଆଧୁନିକୀକରଣକୁ ପୂର୍ବବର୍ଷ ଭଳି ଏ ବର୍ଷ ମଧ୍ୟ ଭାରତ ଗୁରୁତ୍ୱ ଦେବ। ୨୦୨୫ରେ ରୁଷ ସହିତ ତା'ର ସଂପର୍କକୁ ଭାରତ ପୂର୍ବବତ୍ ଅବ୍ୟାହତ ରଖିବ। ନିଜର ଅର୍ଥନୀତିକ ଓ ସାମରିକ ଲକ୍ଷ୍ୟ ପୂରଣ କରିବା ଦିଗରେ ରୁଷ ସହିତ ସଂପର୍କକୁ ବଜାୟ ରଖିବ ଭାରତ। ମୋଦିଙ୍କ ନେତୃତ୍ୱାଧୀନ ଭାରତ ରୁଷଠାରୁ ଅସ୍ତ୍ରଶସ୍ତ୍ର କିଣିବା ହ୍ରାସ କରି ଦେଇଛି। କିନ୍ତୁ ଏହା ପାଖରେ ଥିବା ରୁଷ ନିର୍ମିତ ଟ୍ୟାଙ୍କ ଓ ଯୁଦ୍ଧ ବିମାନଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ଦରକାର ସ୍ପେୟାର ପାର୍ଟଗୁଡ଼ିକୁ ଏହାକୁ ରୁଷରୁ ହିଁ କ୍ରୟ କରିବାକୁ ପଡ଼ିବ।

## ଭାଇରାଲ ହେଲା ରାହୁଲ ଗାନ୍ଧିଙ୍କ ସହ ଜ୍ୟୋତି ମାଲହୋତ୍ରାଙ୍କ ଫଟୋ

ନୂଆଦିଲ୍ଲୀ : ରାହୁଲ ଗାନ୍ଧିଙ୍କ ସହ ଜ୍ୟୋତି ମାଲହୋତ୍ରାଙ୍କ ଫଟୋ । ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଫଟୋକୁ ନେଇ ତର୍ଜିତୋଫାନ । ଫଟୋରେ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ସହ ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରା ଛିଡ଼ା ହୋଇଥିବା ଦେଖାଯାଇଛି । ଜ୍ୟୋତି ଶାଢ଼ୀ ପିନ୍ଧି ରାହୁଲଙ୍କ କଡ଼ରେ ଛିଡ଼ା ହୋଇଛନ୍ତି । ଦ୍ୱିତୀୟ ଫଟୋରେ ରାହୁଲଙ୍କୁ ଧରି ଫଟୋ ପାଇଁ ପୋଜ ଦେଉଛନ୍ତି । ସୋସିଆଲ ମିଡିଆରେ ଏହା ଭାଇରାଲ ହେବା ପରେ ରାହୁଲଙ୍କ ପ୍ରତି ନକରାତ୍ମକ ମନ୍ତବ୍ୟ ପ୍ରକାଶ ପାଇଛି । ତେବେ ଖୋଳତାଡ଼ ପରେ ଏହି ଫଟୋ ଏଡିଟେଡ



ହୋଇଥିବା ଜଣାପଡ଼ିଛି । ପ୍ରକୃତ ଫଟୋରେ ଏହା କଂଗ୍ରେସ ନେତ୍ରୀ ଅଦିତି ସିଂଙ୍କର ବୋଲି ଜଣାପଡ଼ିଛି । ଅଦିତିଙ୍କ ଫଟୋକୁ ଏଡିଟ କରାଯାଇ ସେଠାରେ ଜ୍ୟୋତିଙ୍କ ଫଟୋ ଯୋଡ଼ାଯାଇଥିବା ଜଣାପଡ଼ିଛି । ପାକିସ୍ତାନ ପାଇଁ ଗୁପ୍ତଚରବୃତ୍ତି ଅଭିଯୋଗରେ ଗିରଫ ହୋଇଛନ୍ତି ଜ୍ୟୋତି ମାଲହୋତ୍ରା । ପାକିସ୍ତାନ ଗୁଇନ୍ଦା ସଂସ୍ଥା ଆଇଏସଆଇ ପାଇଁ ଗୁଇନ୍ଦାଗିରି କରୁଥିଲେ ଜ୍ୟୋତି । ନୂଆଦିଲ୍ଲୀସ୍ଥିତ ପାକ ହାଇକମିସନରେ କାର୍ଯ୍ୟରତ କର୍ମଚାରୀ ଦାନିସଙ୍କୁ ଗୋପନୀୟ ତଥ୍ୟ ପ୍ରଦାନ ଅଭିଯୋଗରେ ଗିରଫ ହୋଇଛନ୍ତି ।

## ତାଜମହଲ ଉଡ଼ାଇ ଦେବାକୁ ଧମକ, ହାଇ ଆଲର୍ଟ ଜାରି

ଲକ୍ଷ୍ନୌ : ଉତ୍ତରପ୍ରଦେଶର ଆଗ୍ରାରେ ଅବସ୍ଥିତ ତାଜମହଲକୁ ଉଡ଼ାଇ ଦେବାର ଧମକ ଦିଆଯାଇଛି। ତାଜମହଲକୁ ଆରଡିଏକ୍ସ ସାହାଯ୍ୟରେ ଉଡ଼ାଇ ଦିଆଯିବାର ଧମକ ଦିଆଯାଇଛି। ଏହି ଧମକପୂର୍ଣ୍ଣ ମେଲ୍ କେରଳରୁ ପଠାଯାଇଛି। ଧମକ ପାଇବା ପରେ, ତାଜମହଲରେ ତିନି ଘଣ୍ଟା ଧରି ସର୍ଚ୍ଚ ଅପରେଶନ କରାଯାଇଥିଲା। ଧମକପୂର୍ଣ୍ଣ ଇମେଲ୍ ପାଇବା ପରେ ସୁରକ୍ଷା ଏଜେନ୍ସିଗୁଡ଼ିକ ହାଇ ଆଲର୍ଟ ଜାରି କରିଛନ୍ତି। ତଲାସି ସମୟରେ କୌଣସି ସନ୍ଦେହଜନକ ବସ୍ତୁ ମିଳ ନ ଥିଲା। ଡିସିପି ସିଟିଙ୍କ ନିର୍ଦ୍ଦେଶକ୍ରମେ ସାଇବର ସେଲରେ ଏନେଇ ଏକ ମାମଲା ରୁଜୁ କରାଯାଇଛି। ୨୪ ମେ'ରେ ଆଗ୍ରା ପର୍ଯ୍ୟଟନ ପୋଲିସ ଡାକ ମାଧ୍ୟମରେ ତାଜମହଲ ସ୍ମାରକୀ ଭିତରେ ବିସ୍ଫୋରକ ଥିବା ସୂଚନା ପାଇଥିଲା, ଯାହା ଫଳରେ ତାଜମହଲର ସୁରକ୍ଷା ପାଇଁ ଦାୟୀ ତାଜମହଲ ସୁରକ୍ଷା ପୋଲିସ ଏବଂ ସିଆଇଏସଏଫ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ଘଟଣାସ୍ଥଳକୁ ବୋମା ନିଷ୍କ୍ରିୟକାରୀ ଦଳକୁ ଡକାଯାଇଥିଲା। ତାଜମହଲର ୫୦୦ ମିଟର ପର୍ଯ୍ୟନ୍ତ ୟେଲୋ ଜୋନ୍ ଏବଂ ରେଡ୍ ଜୋନରେ କଡ଼ା ଯାଞ୍ଚ ଆରମ୍ଭ ହୋଇଥିଲା। ପର୍ଯ୍ୟଟକଙ୍କ ମଧ୍ୟରେ ଯେପରି କୌଣସି ଆତଙ୍କ ନ ରହେ, ସେଥିପାଇଁ ତାଜ ସୁରକ୍ଷା ପୋଲିସ, ସିଆଇଏସଏଫ, ବୋମା ନିଷ୍କ୍ରିୟକାରୀ ଦଳ ତାଜମହଲକୁ ବହୁତ ସତର୍କତାର ସହ ଯାଞ୍ଚ କରିଥିଲେ। ତାଜ ସୁରକ୍ଷା ବାହିନୀ ତାଜମହଲର ୟେଲୋ ଜୋନ୍ ଏବଂ ରେଡ ଜୋନ ଅର୍ଥାତ୍ ତାଜମହଲ ପରିସରରେ କଡ଼ା ଯାଞ୍ଚ କରିଥିଲେ। ଏହି ସମୟ ମଧ୍ୟରେ, ତାଜମହଲରେ ଉପସ୍ଥିତ ପର୍ଯ୍ୟଟକମାନେ ବିଚଳିତ ହୋଇ ନ ଥିଲେ। ସୁରକ୍ଷାବାହିନୀ ଯାଞ୍ଚ ଜାରି ରଖିଲେ ଏବଂ ପର୍ଯ୍ୟଟକମାନେ ତାଜ ପରିଦର୍ଶନ କରିଥିଲେ। ପ୍ରତିଦିନ ବହୁ ସଂଖ୍ୟକ ଦେଶୀ ଏବଂ ବିଦେଶୀ ପର୍ଯ୍ୟଟକ ତାଜମହଲ ଦେଖିବାକୁ ଆସିଥାନ୍ତି। ତାଜ ସୁରକ୍ଷାବାହିନୀ ତାଜମହଲକୁ ବହୁତ ଭଲ ଭାବରେ ଯାଞ୍ଚ କରିଥିଲେ। ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି ଯେ, ମେଲ୍‌ଟି କେରଳରୁ ପଠାଯାଇଛି, ଯାହା ପାଇଁ ଆଗ୍ରା ପୋଲିସ କେରଳ ପୋଲିସର ମଧ୍ୟ ସାହାଯ୍ୟ ନେଉଛି। ତାଜମହଲରେ ଆରଡିଏକ୍ସ ଆଇଡି ଥିବା ନେଇ ଧମକପୂର୍ଣ୍ଣ ମେଲ୍ ପ୍ରସଙ୍ଗରେ, ଏସିପି ତାଜ ସୁରକ୍ଷା ଆରିବ ଅହମ୍ମଦ କହିଛନ୍ତି, ପର୍ଯ୍ୟଟନ ପୋଲିସ ମେ' ୨୪ରେ ଏକ ମେଲ ପାଇଥିଲା, ଯାହା ପରେ ତାଜମହଲର ୟେଲୋ ଏବଂ ରେଡ୍ ଜୋନ ଯାଞ୍ଚ କରାଯାଇଥିଲା। ତଦନ୍ତ ପାଇଁ ତାଜ ସୁରକ୍ଷା ପୋଲିସ, ସିଆଇଏସଏଫ, ବୋମା ନିଷ୍କ୍ରିୟକାରୀ ଦଳକୁ ନିୟୋଜିତ କରାଯାଇଥିଲା।

## ପୁଅ ତେଜ ପ୍ରତାପଙ୍କୁ ଦଳରୁ ବହିଷ୍କାର କଲେ ଲାଲୁ ଯାଦବ

ନୂଆଦିଲ୍ଲୀ : ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ପ୍ରତିଷ୍ଠାତା ଲାଲୁ ପ୍ରସାଦ ଯାଦବ ରବିବାର ତାଙ୍କ ବଡ଼ ପୁଅ ତେଜ ପ୍ରତାପ ଯାଦବଙ୍କୁ ତାଙ୍କର "ଦାୟିତ୍ୱହୀନ ଆଚରଣ" ଏବଂ ପରିବାରର ମୂଲ୍ୟବୋଧ ଓ ଜନସାଧାରଣଙ୍କ ମର୍ଯ୍ୟାଦାରୁ ବିଚ୍ୟୁତି ଅଭିଯୋଗରେ ଦଳରୁ ଛଅ ବର୍ଷ ପାଇଁ ବହିଷ୍କାର କରିଛନ୍ତି। ଏହା ପୂର୍ବ ଦିନ ଲାଲୁଙ୍କ ବଡ଼ ପୁଅ ଫେସବୁକରେ ଏକ ପୋଷ୍ଟ ସେୟାର କରି ଅନୁଷ୍କା



ଯାଦବଙ୍କ ସହ ତାଙ୍କର ଦୀର୍ଘ ଦିନର ସମ୍ପର୍କ ବିଷୟରେ ଘୋଷଣା କରିଥିଲେ, ଯେଉଁଥିରେ ସେ କହିଥିଲେ ଯେ ସେମାନେ ଗତ ୧୨ ବର୍ଷ ଧରି ପ୍ରେମରେ ଅଛନ୍ତି ଏବଂ ସମ୍ପର୍କରେ ରହିଛନ୍ତି। ଏକ ସୋସିଆଲ ମିଡିଆ ପୋଷ୍ଟରେ ଏହି ନିଷ୍ପତ୍ତି ଘୋଷଣା କରି ପୂର୍ବତନ ବିହାର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବ୍ୟକ୍ତିଗତ ଜୀବନରେ ନୈତିକ ମୂଲ୍ୟବୋଧକୁ ଅଣଦେଖା କରିବା ଦଳର ସାମାଜିକ ନ୍ୟାୟ ପାଇଁ ସାମୂହିକ ସଂଘର୍ଷକୁ ଦୁର୍ବଳ କରେ, ଏବଂ ତେଜ ପ୍ରତାପଙ୍କ ଆଚରଣ ପରିବାରର ମୂଲ୍ୟବୋଧ କିମ୍ବା ପରମ୍ପରା ସହିତ ସମାନ ନଥିଲା।

# ଜାପାନକୁ ପଛରେ ପକାଇ ବିଶ୍ୱର ଚତୁର୍ଥ ବୃହତ୍ତ ଅର୍ଥନୀତି ବନିଲା ଭାରତ

ନୂଆଦିଲ୍ଲୀ : ଆଉ ଏକ କୀର୍ତ୍ତିମାନ ସ୍ଥାପନ କରିଛି ଭାରତ। ଆମ ଦେଶ ବନିଯାଇଛି ବିଶ୍ୱର ଚତୁର୍ଥ ସର୍ବବୃହତ୍ତ ଅର୍ଥନୀତି। ଶନିବାର ନିତି ଆୟୋଗର ସିଇଓ ବି.ଭି.ଆର ସୁବ୍ରମଣ୍ୟମ ଏହି ସୂଚନା ଦେଇଛନ୍ତି। ନିତି ଆୟୋଗର ୧୦ମ ଗଭର୍ଣ୍ଣିଂ କାଉନସିଲ ବୈଠକ ପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସୁବ୍ରମଣ୍ୟମ କହିଥିଲେ, ଏବେ ଯେତେବେଳେ ମୁଁ ଆପଣମାନଙ୍କ ସହିତ କଥାବାର୍ତ୍ତା ହେଉଛି, ସେତେବେଳେ ଭାରତ



ଭାରତ ବିଶ୍ୱର ଚତୁର୍ଥ ସର୍ବବୃହତ୍ତ ଅର୍ଥନୀତି ହୋଇଯାଇଛି। ଭାରତର ଅର୍ଥନୀତି ୪ ଟ୍ରିଲିୟନ ଡଲାରରେ ପହଞ୍ଚି ଯାଇଛି। ଏହା ମୋର ଡାଟା ନୁହେଁ। ଆଇଏମ୍‌ଏଫ ଏହି ଡାଟା ଦେଇଛି। ସେ କହିଥିଲେ, ଅର୍ଥନୀତିରେ ଜାପାନକୁ ପଛରେ ପକାଇ ଦେଇଛି ଭାରତ। ଏବେ କେବଳ ଯୁକ୍ତରାଷ୍ଟ୍ର ଆମେରିକା, ଚୀନ ଓ ଜର୍ମାନୀ ଆମଠାରୁ ଆଗରେ ରହିଛନ୍ତି। ଆମେ ଯେଉଁ ଯୋଜନା ପ୍ରସ୍ତୁତ କରୁଛୁ, ଯଦି ସେଥିରେ ଠିକ୍ ଢଙ୍ଗରେ ଚାଲିବା, ତା'ହେଲେ ଆଗାମୀ ଅଢ଼େଇ ବା ୩ ବର୍ଷରେ ଭାରତ ବିଶ୍ୱର ତୃତୀୟ ବୃହତ୍ତ ଅର୍ଥନୀତି ପାଲଟି ଯିବ। ମୋଟ ଉପରେ ଭୂ-ରାଜନୀତିକ ଓ ଅର୍ଥନୀତିକ ବାତାବରଣ ଭାରତ ସପକ୍ଷରେ ରହିଛି। ଆଇଏମ୍‌ଏଫ 'ୱାର୍ଲ୍ଡ ଇକୋନୋମିକ ଆଉଟଲୁକ୍ ଏପ୍ରିଲ ୨୦୨୫'ରେ କହିଥିଲା ଯେ ୨୦୨୫ରେ ଭାରତର ନୋମିନାଲ ଜିଡିପି ବୃଦ୍ଧିପାଇ ୪,୧୮୭.୦୧୭ ଅରବ ଡଲାର ହୋଇଯିବ। ଅନ୍ୟପକ୍ଷରେ ଜାପାନର ଜିଡିପିର ଆକାର ୪,୧୮୬.୪୩୧ ଅରବ ଡଲାର ରହିବ ବୋଲି ଅନୁମାନ। ଆଇଏମ୍‌ଏଫ୍‌ର ଆକଳନ ଅନୁସାରେ, ଆଗାମୀ ବର୍ଷଗୁଡ଼ିକରେ ଜର୍ମାନୀକୁ ପଛରେ ପକାଇ ଭାରତ ବନିଯିବ ବିଶ୍ୱର ତୃତୀୟ ବୃହତ୍ତ ଅର୍ଥନୀତି। ୨୦୨୭ ସୁଦ୍ଧା ଭାରତର ଅର୍ଥନୀତି ୫ ଟ୍ରିଲିୟନ ଡଲାର ଅତିକ୍ରମ କରିପାରେ ଓ ଏହି ସମୟରେ ତା'ର ଜିଡିପିର ଆକାର ୫୦୬୯.୪୭ ଅରବ ଡଲାର ରହିବ ବୋଲି ଅନୁମାନ କରାଯାଉଛି। ସେହିପରି ୨୦୨୮ ସୁଦ୍ଧା ଭାରତର ଜିଡିପିର ଆକାର ୫୫୮୪.୪୭୬ ଅରବ ଡଲାର ହୋଇଯିବ। ଏହି ସମୟ ମଧ୍ୟରେ ଜର୍ମାନୀର ଜିଡିପିର ଆକାର ୫,୨୫୧.୯୨୮ ଅରବ ଡଲାର ରହିପାରେ। ଆଇଏମ୍‌ଏଫ୍‌ର ତଥ୍ୟ ମୁତାବକ, ୨୦୨୫ରେ ଆମେରିକାର ଜିଡିପିର ଆକାର ୩୦,୫୦୭.୨୧୭ ଅରବ ଡଲାର ରହିଥିବା ବେଳେ ଏହା ଅର୍ଥନୀତିରେ ସବୁଠୁ ଆଗରେ ରହିଛି। ଏହା ପଛକୁ ରହିଥିବା ଚୀନର ଜିଡିପି ଆକାର ୧୯,୨୩୧.୭୦୫ ଅରବ ଡଲାର ରହିଛି। ଆଇଏମ୍‌ଏଫର ରିପୋର୍ଟ ଅନୁସାରେ ଆମେରିକାର ଜିଡିପି ବୃଦ୍ଧି ଚଳିତ ବର୍ଷ ୧.୮% ପର୍ଯ୍ୟନ୍ତ ଧିମା ରହିପାରେ। ଚଳିତ ବର୍ଷ ୟୁରୋପର ଜିଡିପି ବୃଦ୍ଧି ହାର ମାତ୍ର ୦.୮ ପ୍ରତିଶତ ରହିପାରେ ବୋଲି ଅନୁମାନ କରିଛି ଆଇଏମ୍‌ଏଫ୍।

# ବିଜୟ ସହ ଚେନ୍ନାଇର ଅଭିଯାନ ଶେଷ

## ପରାସ୍ତ ପରେ ଟପ୍-୨ ପାଇଁ ବିଗିଡ଼ିଲା ଗୁଜରାଟ ଟାଇଟନ୍ସର ଅଙ୍କ



ଅହମ୍ମଦାବାଦ,୨୫।୫(ଏଜେନ୍ସି): : ଆଇପିଏଲ୍ ୨୦୨୫ର ଗତ ଋରୋଟି ମ୍ୟାଚ୍‌ରେ ଅଜବ ସ୍ଥିତି ଦେଖିବାକୁ ମିଳିଛି ଟପ୍-୩ରେ ଥିବା ଦଳ ଗୋଟିଏ ଗୋଟିଏ କରି ପ୍ଲେ ଅଫ୍‌ରୁ ବାଦ୍ ପଡ଼ିଥିବା ଦଳ ହାତରୁ ପରାଜୟ ଭୋଗୁଛନ୍ତି ଫଳରେ ପ୍ଲେ ଅଫ୍ ପାଇଁ ଟପ୍-୪ରେ ଥିବା ଦଳ ଗୁଡ଼ିକର ସମୀକରଣ ବଦଳି ଯାଇଛି ଆଜି ଗୁଜରାଟ ଟାଇଟନ୍ସର ଶୋଚନୀୟ ପରାଜୟ ଟପ୍-୨ ଦୌଡ଼କୁ ଆହୁରି ରୋଚକ କରିଛି। ଅହମ୍ମଦାବାଦରେ ଖେଳା ଯାଇଥିବା ମ୍ୟାଚ୍‌ରେ ଶୁଭମନ ଗିଲ୍‌ଙ୍କ ଦଳ ଗୁଜରାଟ ଟାଇଟନ୍ସ ୮୩ ରନର ବଡ଼ ବ୍ୟବଧାନରେ ଚେନ୍ନାଇ ସୁପର କିଙ୍ଗ୍ସଠୁ ପରାଜିତ ହୋଇଛି। ବିଜୟ ସହ ଚେନ୍ନାଇର ଆଇପିଏଲ୍ ୨୦୨୫ର ଅଭିଯାନ ସମାପ୍ତ ହୋଇଛି। ଅନ୍ୟପଟେ ଗୁଜରାଟ୍‌କୁ ଟପ୍-୨ରେ ରହିବାର ଆଶାକୁ ମଧ୍ୟ ବଡ଼ ଧକ୍କା ଲାଗିଛି । କାରଣ ଅନ୍ୟ ଦଳର ପ୍ରଦର୍ଶନ ଉପରେ ନିର୍ଭର କରେ ଯେ ଦଳ ଟପ୍-୨ରେ ରହିବ କି ନାହିଁ। କାରଣ ୧୨ ମ୍ୟାଚ୍‌ରୁ ୯ଟି ଜିତି ୧୮ ପଏଣ୍ଟ ପାଇଥିବା ଗୁଜରାଟ କ୍ରମାଗତ ଶେଷ ଦୁଇଟି ମ୍ୟାଚ୍‌ରେ ପରାଜିତ ହୋଇଛି।୧୪ ମ୍ୟାଚ୍‌ରୁ ଜିତି ୯ ବିଜୟ ଓ ୫ ପରାଜୟ ସହ ୧୮ ପଏଣ୍ଟ ହାସଲ କରିଛି।

୨୩୧ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ଗୁଜରାଟ ଟାଇଟନ୍ସ ଆଜି ନିଜର ଖ୍ୟାତିର ବିପରୀତ ବ୍ୟାଟିଂ କରିଥିଲା ଦଳ ଆରମ୍ଭରୁ ୩ଟି ୱିକେଟ୍ ହରାଇ ଋପରେ ରହିଥିଲା ଅଧିନାୟକ। ଶୁଭମନ ଗିଲ୍ ୧୩ ରନ, ଜୋସ ବୋଟଲର ୫ ରନ ଓ ଶେରଫେନ ରଦରଫର୍ଡ ୦ ଆଉଟ୍ ହୋଇଥିଲେ। ଏହା ପରେ ସାଇ ସୁଦର୍ଶନ ଓ ଶାହରୁଖ ଖାଁ ସ୍ଥିତି ସଜାଡ଼ିବାକୁ ଚେଷ୍ଟା କରିଥିଲେ ଉଭୟ ଚତୁର୍ଥ ୱିକେଟ୍ ପାଇଁ ୫୫ ରନ ଯୋଡ଼ିଥିଲେ। ଦଳର ସ୍ଥିତି ସୁଧୁରୁ ଆସୁଥିବ ବେଳେ ଶାହରୁଖ ଖାଁ ୧୯ ରନ କରି ଆଉଟ୍ ହେବା ଦଳକୁ ବଡ଼ ଝଟକା ଲାଗିଥିଲା। ଆଜି ଚେନ୍ନାଇ ନିଜର ଖ୍ୟାତି ଅନୁସାରେ ପ୍ରଦର୍ଶନ କରିଥିଲା କ୍ରିଜରେ ଜମି ରହିଥିବା ସାଇ ସୁଦର୍ଶନ ୪୧ ରନର ବ୍ୟକ୍ତିଗତ ସ୍କୋରରେ ଆଉଟ୍ ହୋଇଥିଲେ। ଏହା ପରେ ଦଳ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇ ଋଲିଥିଲା। ରାହୁଲ ତେୱତିଆ ୧୪ ରନ, ରଶିଦ ଖାନ ୧୨ ରନ କରିଥିଲେ। ଶେଷ ଆଡ଼କୁ ଅର୍ଶଦ ଖାନ ୨୦ ରନ କରିଥିଲେ ଶେଷରେ ଗୁଜରାଟ ୧୮.୩ ଓଭରରେ ୧୪୭ ରନରେ ଅଲଆଉଟ୍ ହୋଇଥିଲା।ବୋଲିଂରେ ଚେନ୍ନାଇ ପକ୍ଷରୁ ନୂର ଅହମ୍ମଦ ୪ ଓଭରରେ ୨୧ ରନ ଦେଇ ୩ଟି ୱିକେଟ୍ ଏବଂ ଅନଶୁଲ କମ୍ବୋଜ ୧୩ ରନ ଦେଇ ୩ଟି ୱିକେଟ୍ ନେଇ ଦଳ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ରବୀନ୍ଦ୍ର ଜାଡ଼େଜା ୨ଟି ୱିକେଟ୍ ନେଇଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇ ସୁପର କିଙ୍ଗ୍ସର ଦୁଇ ଓପନର ଆୟୁଷ ମହାତ୍ରେ ଓ ଡେଭନ କନଓ୍ୱେ ୪୪ ରନ ଯୋଡ଼ିଥିଲେ। ଏଥିରୁ ଏକାକୀ ୩୪ ରନ କରିଥିଲେ। ମହାତ୍ରେ ସେ ବିସ୍ଫୋରକ ବ୍ୟାଟିଂ କରି ମାତ୍ର ୧୭ ବଲ୍‌ରୁ ୩ ଚୌକା ଓ ୩ ଛକା ସହ ଏହିରନ କରିଥିଲେ। ଏହା ପରେ କନଓ୍ୱେ ଉର୍ଭିଲ ପଟେଲଙ୍କୁ ସାଥୀ କରି ଦ୍ୱିତୀୟ ୱିକେଟ୍ ପାଇଁ ୬୩ ରନ ଯୋଡ଼ି ଦଳ ପାଇଁ ବିଶାଳ ସ୍କୋରର ମୂଳଦୁଆ ପକାଇଥିଲେ। ଉର୍ଭିଲ ପଟେଲ୍ ୧୧୦ ରନ ସ୍କୋରରେ ୧୯ ବଲରୁ ୩୭ ରନର ଇନିଂସ ଖେଳିଥିଲେ। ଦୁବେ ୧୭ ରନ କରିଥିଲେ ହେଁ ବଡ଼ ଇନିଂସ ଖେଳି ପାରି ନ ଥିଲେ କନଓ୍ୱେ ୫୨ ରନ ଦମଦାର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ । ତେବେ ଶେଷ ଆଡ଼କୁ ଡେଓ୍ୱାଲ୍ଡ ବ୍ରେଭିସ ଦଳର ମୋର୍ଚ୍ଚା ସମ୍ଭାଳିଥିଲେ ସେ ଧୂଆଁଧାର ବ୍ୟାଟିଂ କରି ୧୯ ବଲ୍‌ରୁ ଅର୍ଦ୍ଧଶତକ ହାସଲ କରିଥିଲେ। ବ୍ରେଭିସ ୨୩ ବଲ୍‌ରୁ ୪ ଚୌକା ଓ ୫ ଛକା ସହ ୫୭ ରନର ଇନିଂସ ଖେଳିବାରୁ ଗୁଜରାଟ ନିର୍ଦ୍ଧାରିତ ଓଭରରେ ୫ ୱିକେଟ୍ ହରାଇ ୨୩୦ ରନର ବିଶାଳ ସ୍କୋର କରିଛି। ଜାଡ଼େଜା ୨୧ ରନ କରି ଅପରାଜିତ ଥିଲେ ।

### ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)

#### ପଏଣ୍ଟ ତାଲିକା

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୪ | ୦୯ | ୦୫ | ୧୮ |
| ପଞ୍ଜାବ କିଙ୍ଗ୍‌ସ | ୧୩ | ୦୮ | ୦୩ | ୧୭ |
| ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୩ | ୦୮ | ୦୪ | ୧୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୦୮ | ୦୫ | ୧୬ |
| ଦିଲ୍ଲୀ କ୍ୟାପିଟାଲ୍ | ୧୪ | ୦୭ | ୦୫ | ୧୫ |
| ସନରାଇଜର୍ସ ହାଇଦ୍ରାବାଦ | ୧୪ | ୦୬ | ୦୭ | ୧୩ |
| କୋଲକାତା ନାଇଟ୍ ରାଇଡର୍ସ | ୧୪ | ୦୫ | ୦୭ | ୧୨ |
| ଲକ୍ଷ୍ନୌ ସୁପର ଜିଆଣ୍ଟସ | ୧୩ | ୦୬ | ୦୭ | ୧୨ |
| ରାଜସ୍ଥାନ ରୟାଲ୍‌ସ | ୧୪ | ୦୪ | ୧୦ | ୦୮ |
| ଚେନ୍ନାଇ ସୁପର କିଙ୍ଗ୍‌ସ | ୧୪ | ୦୪ | ୦୯ | ୦୮ |

# ଏଭଳି ଭୁଲ ବରଦାସ୍ତ କରାଯିବନି : ପ୍ରୀତି

ନୂଆଦିଲ୍ଲୀ,୨୫।୫: ରାଗରେ ନିଆଁବାଣ ହେଲେ ପଞ୍ଜାବ କିଙ୍ଗ୍ସ ମାଲିକାଣୀ ତଥା ଅଭିନେତ୍ରୀ ପ୍ରୀତି ଜିଣ୍ଟା। ଦିଲ୍ଲୀ ବିପକ୍ଷ ମ୍ୟାଚ୍ ସମୟରେ ହୋଇଥିବା ଏକ ବଡ଼ ଭୁଲ ଯୋଗୁ ସେ ଚିହିଁକି ଉଠିଥିଲେ। ଏହା ପଛରେ ଦଳର ପରାଜୟ ଥିବା କୁହାଯାଉଥିଲେ ହେଁ ତାହା ଠିକ୍ ନୁହେଁ ପଞ୍ଜାବ ଇନିଂସର ୧୫ତମ ଓଭରରେ ଘଟିଥିବା ଏକ ଘଟଣା ଏହା ପଛରେ ରହିଛି।



୧୫ ଓଭରର ୫ମ ବଲରେ ଦିଲ୍ଲୀ କ୍ୟାପିଟାଲ୍ସ ବୋଲର ମୋହିତ ଶର୍ମାଙ୍କ ବଲ୍‌ରେ ପଞ୍ଜାବ ବ୍ୟାଟ୍ସମ୍ୟାନ ଶଶାଙ୍କ ସିଂ ବଡ଼ ଶଟ୍ ଖେଳିବାକୁ ଋହିଁଥିଲେ। ଏହା ଛକା ହେବ ବୋଲି ଆଶା କରାଯାଉଥିଲା। ହେଲେ କରନ ନାୟାର ରୋକିବାକୁ ଚେଷ୍ଟା କରିଥିଲେ। ଏସବୁରେ ତାଙ୍କ ଗୋଡ଼ କିନ୍ତୁ ବାଉଣ୍ଡ୍ରି ଲାଇନ୍‌କୁ ଛୁଇଁ ଦେଇଥିଲା। କରନ୍ ଏହାକୁ ଛକା କହିଥିଲେ ହେଁ ମାମଲା ଥାର୍ଡ ଅମ୍ପାୟାର ନିକଟରେ ପହଞ୍ଚିଥିଲା। ପରେ ଅମ୍ପାୟାର ଏହା ଛକା ନୁହେଁ ବୋଲି କହିଥିଲେ ଫଳରେ ପଞ୍ଜାବକୁ ୬ ବଦଳରେ ୧ ରନ୍ ମିଳିଥିଲା।

ପଞ୍ଜାବ ସହ ହୋଇଥିବା ଅନ୍ୟାୟକୁ ନେଇ ପ୍ରୀତି ଜିଣ୍ଟା ମ୍ୟାଚ୍ ପରେ ହଙ୍ଗାମା କରିଥିଲେ। ଏଭଳି ଭୁଲ ପାଇଁ ଆଇପିଏଲ୍‌ରେ କୌଣସି ସ୍ଥାନ ରହିବା ଉଚିତ ନୁହେଁ ବୋଲି ସେ କହିଥିଲେ। ନିଜର ଏକ୍ସରେ ସେ ଲେଖିଛନ୍ତି, ଆଇପିଏଲ୍ ଭଳି ହାଇ ପ୍ରୋଫାଇଲ ଟୁର୍ନାମେଣ୍ଟରେ, ଏତେ ସବୁ ଟେକ୍ନୋଲୋଜି ଥିବା ସତ୍ତ୍ୱେ ଥାର୍ଡ ଅମ୍ପାୟାର ଏତେ ବଡ଼ ଭୁଲ କରିବାକୁ ବରଦାସ୍ତ କରାଯିବ ନାହିଁ। ଏଭଳି ହେବା ଉଚିତ ନୁହେଁ ଖେଳ ଶେଷ ହେବା ପରେ କରନ ତାଙ୍କୁ ଛକା ହୋଇଥିବା ସ୍ପଷ୍ଟ କରିଥିବା ସେ କହିଥିଲେ।

କହିବାକୁ ଗଲେ ଦିଲ୍ଲୀ କ୍ୟାପିଟାଲ୍ସ ଏହି ମୁକାବିଲା ଜିତି ନେଇଥିଲା ଥାର୍ଡ ଅମ୍ପାୟାର ଭୁଲ କରି ନ ଥିଲେ ପଞ୍ଜାବର ବିଜୟ ସମ୍ଭାବନା ଏହି ମ୍ୟାଚ୍‌ରେ ଅଧିକ ଥିଲା। ହେଲେ ଥାର୍ଡ ଅମ୍ପାୟାରର ଗୋଟିଏ ନିଷ୍ପତ୍ତି ଯୋଗୁ ପଞ୍ଜାବ ଟପ୍ ୨ରେ ପହଞ୍ଚିବ କି ନାହିଁ ସେ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି।

# ନିଷ୍ପତ୍ତି ନେବା ପାଇଁ ଆହୁରି ସମୟ ଅଛି : ଧୋନୀ

ଅହମଦାବାଦ, ୨୫।୫: ଅହମଦାବାଦରେ ଆଇପିଏଲ୍ ୨୦୨୫ର ଶେଷ ଲିଗ୍ ମ୍ୟାଚ ପରେ, ହଜାର ହଜାର ସିଏସକେ ପ୍ରଶଂସକ ଷ୍ଟାଡିୟମରେ ରହି ଯାଇଥିଲେ, ସେମାନେ ଏକ ମୁହୂର୍ତ୍ତକୁ ଛାଡ଼ିବାକୁ ଋହୁଁ ନଥିଲେ ସମସ୍ତଙ୍କ ନଜର ଥିଲା ଏମଏସ ଧୋନୀଙ୍କ ଉପରେ।



ହର୍ଷ ଭୋଗଲେ, ଲକ୍ଷ ଲକ୍ଷ ଆଶା ସହିତ, ଯେଉଁ ପ୍ରଶ୍ନ ସମସ୍ତେ ଶୁଣିବାକୁ ଅପେକ୍ଷା କରିଥିଲେ, ତାହା ପଋରିଥିଲେ। ଧୋନୀ ଆଗାମୀ ଆଇପିଏଲ୍ ସିଜିନରେ, ତାଙ୍କ ୪୪ ବର୍ଷ ବୟସରେ, ଫେରିବେ କି ନାହିଁ ଧୋନୀ, ସବୁବେଳେ ପରି ଶାନ୍ତ ଓ ରହସ୍ୟମୟ, ଏକ ସ୍ପଷ୍ଟ ଉତ୍ତର ଦେଇ ନଥିଲେ ବରଂ, ସେ ନିଜ ଶରୀର, ଉତ୍ସାହ ଏବଂ ଖେଳ ଜାରି ରଖିବା ପାଇଁ ଆଗ୍ରହ ଅଛି କି ନାହିଁ, ତାହା ଉପରେ ଚିନ୍ତା କରିବା ପାଇଁ ସମୟ ନେବେ ବୋଲି କହିଥିଲେ। ତୁରନ୍ତ ନିଷ୍ପତ୍ତି ନେବା ବଦଳରେ, ସେ ସମୟର ସୁବିଧା ଉପଭୋଗ କରି ସିଏସକେ ପାଇଁ ନିଜର ଯୋଗଦାନ ସମ୍ପର୍କରେ ନିଷ୍ପତ୍ତି ନେବେ ବୋଲି ଜଣାଇଥିଲେ।

ଏହା ନିର୍ଭର କରେ ମୁଁ ସେହି କଥା ହିଁ କହିବି। ମୋ ପାଖରେ ୪-୫ ମାସ ସମୟ ଅଛି ନିଷ୍ପତ୍ତି ନେବା ପାଇଁ। କଣ କରିବା ଦରକାର ତାହା ତୁରନ୍ତ ନିଷ୍ପତ୍ତି ନେବାର କୌଣସି ଆବଶ୍ୟକ ନାହିଁ। ପ୍ରତି ବର୍ଷ ଶରୀରକୁ ଫିଟ୍ ରଖିବା ପାଇଁ ୫୦% ଅଧିକ ପରିଶ୍ରମ କରିବାକୁ ପଡ଼େ। ଏହା କ୍ରିକେଟର ସର୍ବୋଚ୍ଚ ସ୍ତର ଯଦି କ୍ରିକେଟରମାନେ ପ୍ରଦର୍ଶନ ହେତୁ ଅବସର ନେବା ଆରମ୍ଭ କରନ୍ତି, ତେବେ ଅନେକ ୨୨ ବର୍ଷ ବୟସରେ ଅବସର ନେବେ। ଗୁରୁତ୍ୱପୂର୍ଣ୍ଣ ହେଉଛି ଆପଣଙ୍କର ଉତ୍ସାହ ଓ ଫିଟନେସ କେତେ ଅଛି, ଆପଣ ଦଳ ପାଇଁ କେତେ ଯୋଗଦାନ କରିପାରିବେ, ଦଳକୁ ଆପଣଙ୍କର ଆବଶ୍ୟକତା ଅଛି କି ନାହିଁ। ମୋ ପାଖରେ ଯଥେଷ୍ଟ ସମୟ ଅଛି। ମୁଁ ରାଞ୍ଚି ଫେରିବି, ବହୁତ ଦିନ ହେଲା ଘରକୁ ଯାଇ ନାହିଁ। କିଛି ବାଇକ୍ ରାଇଡ୍ ଉପଭୋଗ କରିବି। ଦୁଇ ମାସ ପରେ ନିଷ୍ପତ୍ତି ନେବି।

ମୁଁ ଏହା କହୁ ନାହିଁ ଯେ ମୁଁ ଶେଷ କରିଦେଇଛି, କିମ୍ବା ମୁଁ ଫେରିବି ବୋଲି ମଧ୍ୟ କହୁନାହିଁ।ମୋ ପାଖରେ ସମୟର ସୁବିଧା ଅଛି, ଧୋନୀ କହିଥିଲେ। ଧୋନୀ ଆହୁରି କହିଥିଲେ ଯେ ଅହମଦାବାଦରେ ବିଜୟ ସହିତ ସିଜିନ ଶେଷ କରିବା ଭଲ ଲାଗିଲା ଏବଂ ଏହା ଚେନ୍ନାଇର ଏହି ସିଜିନର ସର୍ବୋତ୍ତମ ଅଲ୍-ରାଉଣ୍ଡ ପ୍ରଦର୍ଶନମାନଙ୍କ ମଧ୍ୟରୁ ଗୋଟିଏ ଥିଲା। ଏକ ଭଲ ନୋଟରେ ଶେଷ କରିବା ଭଲ ଲାଗିଲା ଏହା ବୋଲିଂ, ବ୍ୟାଟିଂ ଏବଂ ଫିଲ୍ଡିଂ ବିଭାଗରୁ ଏକ ନିଖୁଣ ପ୍ରଦର୍ଶନ ଥିଲା ଏହି ମ୍ୟାଚରେ କ୍ୟାଚିଂ ମଧ୍ୟ ଉତ୍ତମ ଥିଲା, ଧୋନୀ କହିଥିଲେ।

### ଭାରତର ଟେଷ୍ଟ ଏକାଦଶକୁ ନେଇ ଚର୍ଚ୍ଚା

ନୂଆଦିଲ୍ଲୀ,୨୫।୫: ଭାରତୀୟ କ୍ରିକେଟ୍ ଦଳ ଆଗାମୀ ମାସରେ ଇଂଲଣ୍ଡ ଗସ୍ତ କରିବ ।ଏହି ଗସ୍ତରେ ଦଳ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବ ଏହି ଗସ୍ତ ପାଇଁ ଭାରତୀୟ ଦଳ ଘୋଷଣା ହୋଇ ସାରିଛି ଶୁଭମନ ଗିଲ୍‌ଙ୍କୁ ଦଳର ଅଧିନାୟକ ଓ ଋଷଭ ପନ୍ତଙ୍କୁ ଉପ ଅଧିନାୟକ ନିଯୁକ୍ତ କରାଯାଇଛି। ଭାରତ ଓ ଇଂଲଣ୍ଡ ମଧ୍ୟରେ ଜୁନ ୨୦ରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳାଯିବ ତେବେ ପ୍ରଥମ ଟେଷ୍ଟରେ ଭାରତୀୟ ଦଳର ଚୂଡ଼ାନ୍ତ ଏକାଦଶ କିଭଳି ରହିବ ତାହା ଉପରେ ଏବେ ସମସ୍ତଙ୍କ ନଜର। ବିସିସିଆଇ ଇଂଲଣ୍ଡ ଗସ୍ତ ପାଇଁ ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରିଛି। ପ୍ରଥମ ଟେଷ୍ଟରେ ସାଇ ସୁଦର୍ଶନ ଓ ଯଶସ୍ୱୀ ଜୟସ୍ୱାଲ ଇନିଂସ ଓପନ କରି ପାରନ୍ତି। ଏହା ପରେ ଅଧିନାୟକ ଶୁଭମନ ଗିଲ୍ ତିନି ନମ୍ବରରେ ଖେଳି ପାରନ୍ତି ନମ୍ବର ୪ରେ ବିରାଟ କୋହଲିଙ୍କ ସ୍ଥାନରେ କେଏଲ ରାହୁଲଙ୍କ ଖେଳିବାର ଆଶା ରହିଛି।ଏହା ପରେ ୫ ନମ୍ବରରେ ୱିକେଟ୍ କିପର ବ୍ୟାଟର ଋଷଭ ପନ୍ତଙ୍କୁ ଦେଖିବାକୁ ମିଳିପାରେ।

# ବୀରେନ୍ଦ୍ର ଲାକ୍ରାଙ୍କୁ ଗୁରୁଦାୟିତ୍ୱ

ନୂଆଦିଲ୍ଲୀ,୨୫।୫: ପୂର୍ବତନ ଡିଫେଣ୍ଡର ବୀରେନ୍ଦ୍ର ଲାକ୍ରାଙ୍କୁ ଆସନ୍ତା ବର୍ଷ ହେବାକୁ ଥିବା ବିଶ୍ୱକପ୍ ପୂର୍ବରୁ ଭାରତୀୟ ଜୁନିୟର ପୁରୁଷ ହକି ଦଳର ଆସିଷ୍ଟାଣ୍ଟ କୋଚ୍ ଭାବେ ନିଯୁକ୍ତ କରାଯାଇଛି ।ଏ ନେଇ ହକି ଇଣ୍ଡିଆ। (ଏଚ୍‌ଆଇ) ପକ୍ଷରୁ ଶନିବାର ସୂଚନା ଦିଆଯାଇଛି ୩୫ ବର୍ଷୀୟ ଲାକ୍ରା ମୁଖ୍ୟ କୋଚ୍ ତଥା କିମ୍ବଦନ୍ତୀ ଗୋଲକିପର ପିଆର ଶ୍ରୀଜେଶଙ୍କ ନେତୃତ୍ୱାଧୀନ କୋଚିଂ ଦଳରେ କାମ କରିବେ। ଏଭଳି ଗୁରୁତ୍ୱପୂର୍ଣ୍ଣ ସମୟରେ ଭାରତୀୟ ଜୁନିୟର ପୁରୁଷ ଦଳର ସଦସ୍ୟ ହେବା ସମ୍ମାନର ବିଷୟ ଭାରତୀୟ ଜର୍ସି ପିନ୍ଧିବା ପାଇଁ କଣ କଣ ଦରକାର ମୋତେ ତାହା ଜଣାଅଛି। ଏବେ ମୁଁ ନୂଆ। ପିଢ଼ିର ଖେଳାଳିଙ୍କୁ ବଡ଼ ଟୁର୍ନାମେଣ୍ଟ ଲାଗି ପ୍ରସ୍ତୁତ ହେବାରେ ସାହାଯ୍ୟ କରିବାକୁ ଯାଉଛି। ମୋ ଦୀର୍ଘ ଦିନର ସାଥି ଖେଳାଳି ଓ ପ୍ରେରଣା ଶ୍ରୀଜେଶଙ୍କ ସହ କାମ କରିବା ଏକ କୌତୁହଳପୂର୍ଣ୍ଣ ଚ୍ୟାଲେଞ୍ଜ। ଆମେ ଏକ ଭୟମୁକ୍ତ ଏବଂ ଭଲ ଭାବେ ପ୍ରସ୍ତୁତ ଥିବା ଦଳ ଗଠନ କରିବା ପାଇଁ ପ୍ରତିବଦ୍ଧ ବୋଲି ଲାକ୍ରା କହିଛନ୍ତି ।ଭାରତୀୟ ଦଳର ଡିଫେନ୍ସ ଭାଗକୁ ସୁଦୃଢ଼ କରିବା ଲାକ୍ରାଙ୍କ ମୁଖ୍ୟ ଦାୟିତ୍ୱ ହେବ। ଆସନ୍ତା ବର୍ଷ ନଭେମ୍ବର ୨୮ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ମଦୁରାଇଠାରେ ଜୁନିୟର ହକି ବିଶ୍ୱକପ୍ ଖେଳାଯିବ। ଉଲ୍ଲେଖଯୋଗ୍ୟ ଯେ, ୨୦୧୦ରେ ଭାରତ ପାଇଁ ପଦାର୍ପଣ କରିଥିବା ଲାକ୍ରା ଖୁବ ଶୀଘ୍ର ଦଳର ସବୁଠୁ ନିର୍ଭରଯୋଗ୍ୟ ଡିଫେଣ୍ଡର ପାଲଟି ଯାଇଥିଲେ। ସେ ଭାରତକୁ ୨୦୧୨ ଲଣ୍ଡନ ଓ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ପ୍ରତିନିଧି କରିଥିଲେ। ତାଙ୍କ ପ୍ରତିନିଧିରେ ଭାରତ ଟୋକିଓ ଅଲିମ୍ପିକ୍ସରେ ଐତିହାସିକ ବ୍ରୋଞ୍ଜ ପଦକ ଜିତିଥିଲା।

# ଭକ୍ତିରେ ବୁଡ଼ିଲେ ବିରାଟ-ଅନୁଷ୍କା

ମୁମ୍ବାଇ,୨୫।୫: ଟି-୨୦ ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା ପରେ ଏବେ ଭକ୍ତି ଭାବନାରେ ବୁଡ଼ିଛନ୍ତି କିଙ୍ଗ କୋହଲି। ଏବେ ସେ ବିଭିନ୍ନ ମନ୍ଦିର ଏବଂ ଗୁରୁଙ୍କ ଆଶୀର୍ବାଦ ନେବାକୁ ବିଭିନ୍ନ ମନ୍ଦିର ଯାଉଛନ୍ତି ।କିଛି ଦିନ ପୂର୍ବରୁ ବିରାଟ ଏବଂ ପତ୍ନୀ ଅନୁଷ୍କା ପ୍ରେମାନନ୍ଦ ମହାରାଜଙ୍କ ପାଖକୁ ଯାଇଥିଲେ । କିନ୍ତୁ ବିରାଟ-ଅନୁଷ୍କା ଅଯୋଧ୍ୟାରେ ଅଛନ୍ତି ।ସେଠାରେ ଥିବା ହଜାରେ ବର୍ଷର ପୁରୁଣା ମନ୍ଦିର ହନୁମାନ ଘଡିରେ ପୂଜା କରୁଥିବାର ନଜର ଆସିଛନ୍ତି । ରବିବାର ସକାଳ ପ୍ରାୟ ୯ଟାରେ ତାଙ୍କ ପତ୍ନୀ ତଥା ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କ ସହ ଅଯୋଧ୍ୟାରେ ପହଞ୍ଚିଥିଲେ ।

ଏହି ସମୟରେ, ଟ୍ରଷ୍ଟର ପ୍ରତିନିଧି ଉଭୟଙ୍କୁ ମନ୍ଦିର ପରିସରରେ ସ୍ୱାଗତ କରିଥିଲେ। ପରେ ରାମଲାଲାଙ୍କୁ ଦର୍ଶନ କଲେ ଏବଂ ରାମଲାଲାଙ୍କ ସ୍ୱତନ୍ତ୍ର ପ୍ରସାଦ ପ୍ରଦାନ କରିଥିଲେ। ଏହି ସମୟ ମଧ୍ୟରେ ଦୁହେଁ ଗଣମାଧ୍ୟମ ପ୍ରତିନିଧିଙ୍କଠାରୁ ଦୂରତା ବଜାୟ ରଖିଥିଲେ ।ଅନ୍ୟପକ୍ଷରେ, ପ୍ରଶଂସକମାନେ ସେମାନଙ୍କର ପ୍ରିୟ କ୍ରିକେଟରଙ୍କ ସହ ସେଲଫି ନେବାକୁ ଉତ୍ସାହିତ ଥିବା ଦେଖାଯାଇଥିଲା କିନ୍ତୁ ସୁରକ୍ଷା ଦୃଷ୍ଟିରୁ ପୋଲିସ ସେମାନଙ୍କୁ ଅଟକାଇଥିଲେ ।ଏହା ପରେ କୋହଲି ଏବଂ ଅନୁଷ୍କା କଡ଼ା ସୁରକ୍ଷା ମଧ୍ୟରେ ହନୁମାନଗଡ଼ୀରେ ପହଞ୍ଚି ବଜରଙ୍ଗବଲୀଙ୍କୁ ପ୍ରାର୍ଥନା କରିଥିଲେ। ଏହା ପରେ, କୋହଲି ହନୁମାନଗଡ଼ୀ ସହିତ ଜଡିତ କିଛି ସନ୍ଥଙ୍କୁ ମଧ୍ୟ ଭେଟିଥିଲେ। ଭିଡିଓରେ ଦୁହେଁ ଭକ୍ତି ଭାବନରେ ବୁଡ଼ି ପୂଜା କରିବା ସହ ଭଗବାନଙ୍କ ଆଶୀର୍ବାଦ ନେଇଥିଲେ ।



# ସିଏମ୍ ଟ୍ରଫି-୨୦୨୫ ଲୋଗୋ, ଟ୍ରଫି ଓ ଆନ୍ଥେମ୍ ଉନ୍ମୋଚନ

ଭୁବନେଶ୍ୱର,୨୫।୫(ମହାଭାରତ): ସିଏମ୍ ଟ୍ରଫି-୨୦୨୫: ଲକ୍ଷ୍ୟ ଏକ, ପ୍ରତିଭା ଅନେକ ରାଜ୍ୟରେ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆଗ୍ରହ କ୍ରମେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ଫୁଟବଲ୍ ଆସୋସିଏସନ୍‌ର ମିଳିତ ଆନୁକୂଲ୍ୟରେ ସିଏମ୍ ଟ୍ରଫି (ଅଣ୍ଡର-୧୫) ଫୁଟବଲ୍ ଋମ୍ପିୟନ୍‌ସିପ୍-୨୦୨୫ ଆୟୋଜନ କରାଯାଉଛି।

ଆଜି ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡ଼ିୟମଠାରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସିଏମ୍ ଟ୍ରଫି ଫୁଟବଲ ଋମ୍ପିୟନ୍‌ସିପ୍-୨୦୨୫ର ଲୋଗୋ, ଟ୍ରଫି, ଜର୍ସି ଏବଂ ଆନ୍‌ଥେମ୍‌କୁ ଉନ୍ମୋଚନ କରିଛନ୍ତି।

କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ରାଜ୍ୟରେ କ୍ରୀଡ଼ା ପ୍ରତିଭାର ବିକାଶ କରିବା ଓ କ୍ରୀଡ଼ା ପ୍ରତିଭାଙ୍କୁ ବିଶ୍ ସ୍ତରରେ ପହଞ୍ଚାଇବା ନିମନ୍ତେ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ କରିବା ଲକ୍ଷ୍ୟରେ ରାଜ୍ୟରେ ପ୍ରଥମ ଥର ପାଇଁ ସିଏମ୍ ଟ୍ରଫି (ଅଣ୍ଡର-୧୫) ଫୁଟବଲ ଋମ୍ପିୟନ୍‌ସିପ୍‌ର ଆୟୋଜନ କରାଯାଉଛି।

ସିଏମ୍ ଟ୍ରଫି (ଅଣ୍ଡର-୧୫) ଫୁଟବଲ୍ ଋମ୍ପିୟନ୍‌ସିପ୍‌ର ପ୍ରଥମ ପର୍ଯ୍ୟାୟ ଗତ ଜାନୁଆରୀ ମାସ ୧୬ ତାରିଖରୁ ଏପ୍ରିଲ ମାସ ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲ୍ଲାମାନଙ୍କରେ ଅନୁଷ୍ଠିତ ହୋଇଥିଲା ।ଏଥିରେ ଜିଲ୍ଲାମାନଙ୍କରେ ରହିଥିବା ବିଭିନ୍ନ ଫୁଟବଲ କ୍ଲବ ଅଂଶଗ୍ରହଣ କରିଥିଲେ ସର୍ବମୋଟ୍ ୨୭୧ଟି ଫୁଟବଲ୍ କ୍ଲବ ଏବଂ ୫ ହଜାରରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ ଏଥିରେ ଅଂଶଗ୍ରହଣ କରିଥିଲେ।




ପ୍ରତିଯୋଗିତାର ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ୍ ଜୋନାଲ୍ ସ୍ତରୀୟ ସିଏମ୍ ଟ୍ରଫି ଋମ୍ପିୟନ୍‌ସିପ୍ ଆସନ୍ତା ମେ' ୨୮ ତାରିଖରୁ ଜୁନ୍ ୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ ।ଜିଲ୍ଲା ସ୍ତରରୁ ଚୟନିତ ହୋଇ ଆସିଥିବା ଦଳକୁ ୪ ଗୋଟି ଜୋନ୍ (ଜୋନ୍-ସମ୍ବଲପୁର, ଭୁବନେଶ୍ୱର, କେନ୍ଦୁଝର ଏବଂ ବ୍ରହ୍ମପୁର)ରେ ବିଭକ୍ତ କରାଯାଇ ପ୍ରତିଯୋଗିତାର ଆୟୋଜନ କରାଯିବ ଜୋନାଲ୍ ସ୍ତରୀୟ ପ୍ରତିଯୋଗିତା ସମାପ୍ତ ହେବା ପରେ ସିଏମ୍-ଟ୍ରଫି ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ।

ଜିଲ୍ଲାରୁ ଜୋନାଲ୍ ଏବଂ ଜୋନାଲ୍‌ରୁ ରାଜ୍ୟ ସ୍ତର ପର୍ଯ୍ୟନ୍ତ ଏହିପରି ଭାବରେ ତିନୋଟି ପର୍ଯ୍ୟାୟରେ ଏହି ପ୍ରତିଯୋଗିତାକୁ ଆୟୋଜନ କରାଯାଉଥିବାରୁ ବାସ୍ତବରେ ତୃଣମୂଳ ସ୍ତରରୁ ଆସୁଥିବା କ୍ରୀଡ଼ାବିତମାନେ ନିଜ ପ୍ରତିଭା ପ୍ରଦର୍ଶନ ନିମନ୍ତେ ଏକ ପ୍ରକୃଷ୍ଟ ମଞ୍ଚ ପାଇପାରିବା ସହ ରାଜ୍ୟରେ କ୍ରୀଡ଼ା ପ୍ରତିଭାର ବିକାଶ ହୋଇପାରିବ ବୋଲି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି।

ଆଜି ସିଏମ୍ ଟ୍ରଫି ଋମ୍ପିୟନ୍‌ସିପର ଲୋଗୋ, ଟ୍ରଫି, ଜର୍ସି ଓ ଆନଥେମ୍ ଉନ୍ମୋଚିତ ହୋଇଛିକ୍ରୀଡ଼ାବିତମାନଙ୍କ ମଧ୍ୟରେ ରହିଥିବା ଅଦମ୍ୟ ଉତ୍ସାହ ଓ ଦୃଢ଼ ପ୍ରତିବଦ୍ଧତାକୁ ଆନଥେମ୍‌ରେ ଖୁବ୍ ସୁନ୍ଦର ଭାବରେ ପ୍ରଦର୍ଶିତ କରାଯାଇଛି ।ରାଜ୍ୟରେ କ୍ରୀଡ଼ା ଓ କ୍ରୀଡ଼ାବିତମାନଙ୍କର ସାମଗ୍ରିକ ବିକାଶ କରିବା ନିମନ୍ତେ ଆମ ସରକାର ପ୍ରତିଶ୍ରୁତିବଦ୍ଧ ଓଡ଼ିଶାର ପ୍ରତିଟି ଗାଁ ଓ ପ୍ରତିଟି ବ୍ଲକରେ କ୍ରୀଡ଼ା ପ୍ରତିଭାର ବିକାଶ କରି ଆମ କ୍ରୀଡ଼ାବିତମାନଙ୍କୁ ବିଶ୍ୱସ୍ତରରେ ପହଂଋଇବାର ଆମର ଏହି ଯାତ୍ରା ଆଗେଇ ଋଲିଛି ବୋଲି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମତପ୍ରକାଶ କରିଛନ୍ତି।

ଆଜିର ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଫୁଟବଲ୍ ଆସୋସିଏସନର ସେକ୍ରେଟାରୀ ଆଶୀର୍ବାଦ ବେହେରା, ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଶର୍ମା, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ଶାସନ ସଚିବ ଶ୍ରୀ ବିଜୟ କୁମାର ସ୍ୱାଇଁ, ଯୁଗ୍ମ ଶାସନ ସଚିବ ବିଜୟାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ